## ସଂକ୍ଷେପରେ

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ



ରାୟଗଡା, ୮।୨( ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପୋଲିସ ଗୁରୁବାର ସକାଳେ ସ୍ଥାନୀୟ ରେଲୱେ କଲୋନୀ ପଛପଟ ଥିବା ଏକ ପରିତ୍ୟକ୍ତ ଘରେ ଚଢ଼ାଉ କରି ବ୍ୟାପକ ଗଞ୍ଜେଇ ଜବତ କରିଛି। ବାହାର ରାଜ୍ୟକୁ ଚାଲାଣ ହେବାକୁ ଥିବା ୪ଟି ବ୍ୟାଗରୁ ପୋଲିସ ୧୦୨କିଗ୍ରା ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଲିଙ୍କନ ତୁରୁକ (୨୫) ଓ ରହିମ କୁମାର ବେନିଆ (୨୭)। ଉଭୟ ଟିକିରି ଥାନାର ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଟିକିରି ପୋଲିସ ଅଧିକ ଅନୁସନ୍ଧାନ ଜାରି ରଖିଥିବା କହିଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଗୁଡାରି, ୮।୨ (ପ୍ରମୋଦ କୁମାର ପତି )

ଗୁଡାରି ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସୁଶ୍ରୀ ଅନିଶା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ଶବର, ସିଡିପିଓ ପୁଷ୍ପାଞ୍ଜଳି ପଟ୍ଟନାୟକ ଓ ଡିଏସ୍ଏସ୍ଓ ସୀମାଞ୍ଚଳ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୧୦୨ ଜଣ ନାମ ପଞ୍ଜିକୃତ କରିଥିଲେ। ଜିଲାସ୍ତରରୁ ଆସିଥିବା ବିଶେଷଜ୍ଞ ଡାକ୍ତରମାନେ ଦିବ୍ୟାଙ୍ଗଙ୍କ ବିଭିନ୍ନ ପରୀକ୍ଷା କରି ୬୪ ଜଣଙ୍କୁ ଟ୍ରେନ୍ ପାସ, ୬୪ ଜଣଙ୍କୁ ବସ୍ ପାସ ପ୍ରଦାନ କରିଥିଲେ। ଏବଂ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ

ଗୁଣପୁର,୮।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ଗୁମୁଡା ଜଗନ୍ନାଥ ବାଳିକା ଉଚ୍ଚବିଦ୍ୟାଳୟରେ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାମନାଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୃଜନ ମଲ୍ଲିକ ମୁଖ୍ୟ ଅତିଥି ଓ ଏବିଇଓ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଦାମୋଦର ହିମିରିକା, ସ୍ଥାନୀୟ ଦ୍ରୌପଦୀ ବିଦ୍ୟାପୀଠର ଗଣିତ ଶିକ୍ଷୟିତ୍ରୀ ତପରନ୍ତି ଗମାଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ୪ଟି ଶ୍ରେଣୀ ଯଥା କୌଶଳୀ, ଜିଜ୍ଞାସା, କ୍ରିଡାଙ୍ଗନ ଓ ସାହିତ୍ୟ ସୃଜନୀ ଇତ୍ୟାଦି ବିଭାଗରେ ଛାତ୍ରୀମାନେ ଭାଗନେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ସଭା ଆରମ୍ଭରେ ଶିଶୁମାନଙ୍କ ଦାରା ସ୍ୱାଗତ ସଙ୍ଗୀତ, ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍ଦେଶ୍ୟ ଜ୍ଞାପନ, ପରିଚୟ ପ୍ରଦାନ କରାଯାଇଥିଲା । ଏହି ସଭାକୁ ସଂସ୍କୃତ ଶିକ୍ଷକ ଗଗନ ବିହାରୀ ଦାଶ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ କିଶୋର ନେମାଲପୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଏସ୍‌କେୱାଇ ହିତାଧିକାରୀଙ୍କ ଭୁଲ୍ ତଥ୍ୟ ଦେଇ ପିଇଓ ନିଲମ୍ବିତ

- ଆମ ଓଡ଼ିଶା ନବୀନ ଓଡ଼ିଶା ବୁକଲେଟ୍‌ରେ ତ୍ରୁଟି
- ଡାକ୍ତରଖାନା ଯାଇ ନ ଥିବା ବୃଦ୍ଧଙ୍କ କିଡନୀ ଅସ୍ତ୍ରୋପଚାର ଉଲ୍ଲେଖ

ରାୟଗଡ଼ା,୮।୨(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ସରକାର ଗରିବ ଲୋକଙ୍କ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନା ଆରମ୍ଭ କରିଛନ୍ତି। ହେଲେ କାର୍ଡ ପାଇବା ପରେ ଦିନେ ମଧ ଡାକ୍ତରଖାନା ପିଣ୍ଡା ମାଡ଼ି ନ ଥିବା ଜଣେ ବୃଦ୍ଧଙ୍କ ଏହି କାର୍ଡ ମାଧମରେ କିଡ୍‌ନୀ ଅସ୍ତ୍ରୋପଚାର ହୋଇଥିବା ନେଇ ସରକାରୀ ବୁକ୍‌ଲେଟ୍‌ରେ ପ୍ରକାଶ ପାଇଥିଲା। ଏ ନେଇ ବୃଦ୍ଧ ଜଣଙ୍କ ସୋମବାର ରାୟଗଡ଼ାରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ । ଏ ନେଇ ଗଣମାଧମରେ ଖବର ପ୍ରସାରିତ ହେବା ପରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ମୁନିଗୁଡ଼ା ବ୍ଲକ ପାତ୍ରଗୁଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଗୁରୁବାର ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

ଘଟଣାରୁ ପ୍ରକାଶ ଯେ, ପାତ୍ରଗୁଡ଼ାରେ ଜାନୁଆରୀ ୩୦ରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ସଫଳତା ନେଇ ବୁକ୍‌ଲେଟ୍ ଛପା ଛପାଯାଇଥିଲା । ଉକ୍ତ ବୁକ୍‌ଲେଟ୍‌ରେ ପାତ୍ରଗୁଡ଼ା ପଞ୍ଚାୟତ ମହକୁମାର ସହଦେବ



ବୁକ୍‌ଲେଟ୍ ସହ ସହଦେବ ପ୍ରାସ୍କା ।

ପ୍ରାସ୍କା ବିଏସ୍‌କେୱାଇ କାର୍ଡ ବ୍ୟବହାର କରି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ନିଜର କିଡ୍‌ନୀ ଅସ୍ତ୍ରୋପଚାର କରିଥିବା ଉଲ୍ଲେଖ ରହିଥିଲା। କାର୍ଡ ପାଇବା ପରଠାରୁ ଦିନେ ମଧ ମେଡିକାଲ ଯାଇ ନ ଥିବା ସହଦେବଙ୍କ କିଡ୍‌ନୀ ଅସ୍ତ୍ରୋପଚାର କିଭଳି ହେଲା, ତାହା ଶୁଣି ସେ ଆଶ୍ଚର୍ଯ୍ୟ ହୋଇଯାଇଥିବା କହିଛନ୍ତି। ଏ ସମ୍ପର୍କରେ ସହଦେବଙ୍କ ପୁଅ ପବିତ୍ର ପ୍ରାସ୍କାଙ୍କୁ ଫୋନ୍ କରିବାରୁ ସେ କହିଥିଲେ, କାର୍ଯ୍ୟକ୍ରମର କିଛିଦିନ ପୂର୍ବରୁ ଘରେ କେହି ନ ଥିବା ବେଳେ ପଞ୍ଚାୟତର ଜିଆର୍‌ଏସ୍ ଗଣେଶ ପୂଜାରୀ ବାପା ସହଦେବଙ୍କ ପାଖକୁ ଆସି ବିଏସ୍‌କେୱାଇ କାର୍ଡ ମାଗିଥିଲେ। ଏହାପରେ ଉକ୍ତ କାର୍ଡକୁ ଧରିଥିବା ସହଦେବଙ୍କ ଏକ ଫଟୋ ଉଠାଇ ନେଇଥିଲେ । ତେବେ କାର୍ଡ କାହିଁକି ମାଗିଥିଲେ ତାହା ସହଦେବ ଜାଣି ନ ଥିଲେ ବୋଲି ପବିତ୍ର କହିଛନ୍ତି। ଘଟଣା ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାକର ନାଲାଙ୍କୁ ପଚାରିବାରୁ, ବିଡିଓଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତର ପେନ୍‌ସନ ହିତାଧିକାରୀ, ଚାଉଳ ହିତାଧିକାରୀ, ବିଏସ୍‌କେୱାଇ କାର୍ଡ଼ ହିତାଧିକାରୀଙ୍କ ତଥ୍ୟ ମଗାଯାଇ ବ୍ଲକ ପ୍ରଶାସନକୁ ଦିଆଯାଇଥିଲା । ତେବେ ସହଦେବଙ୍କ କିଡ୍‌ନୀ ଅସ୍ତ୍ରୋପଚାର ହୋଇଥିବା ନେଇ କୌଣସି ତଥ୍ୟ ସେ ଦେଇ ନ ଥିବା କହିଛନ୍ତି । ତାଙ୍କ କହିବାନୁସାରେ ଉକ୍ତ ବୁକ୍‌ଲେଟ୍ ବ୍ଲକ ପ୍ରଶାସନ ପକ୍ଷରୁ ଛପାଯାଇଛି । ଉକ୍ତ ବୁକ୍‌ଲେଟ୍ ଯେଉଁଠାରେ ଛପାଯାଇଥିଲା, ସେଠାକୁ ଜିଆର୍‌ଏସ୍ ଗଣେଶ ପୂଜାରୀ ଯାଇ ସମସ୍ତ ତଥ୍ୟ ଠିକ୍ ଅଛି କି ନାହିଁ ଦେଖିଥିଲେ । କିନ୍ତୁ ସେଠାରେ ସେ ଅଧିକ ସମୟ ନ ରହି ଚାଲି ଆସିଥିଲେ ବୋଲି କହିଛନ୍ତି । ଏ ନେଇ ଜିଆର୍‌ଏସ୍ ଗଣେଶଙ୍କୁ ପଚାରିବାରୁ ବ୍ଲକ ପ୍ରଶାସନର ନିର୍ଦ୍ଦେଶ ପ୍ରକାରେ ବିଭିନ୍ନ ଲାଭବାନ୍ ହିତାଧିକାରୀଙ୍କ ତଥ୍ୟ ଦିଆଯାଇଥିଲା । ଉକ୍ତ ବୁକ୍‌ଲେଟ୍ ଛପା ହେଉଥିବା ଦୋକାନକୁ ଯାଇ ସେ ସହଦେବଙ୍କ ଫଟୋ ଦେଇ ଆସିଥିଲେ । ଅନ୍ୟ ବ୍ଲକର ବୁକ୍‌ଲେଟ୍‌କୁ ଦେଖି ବୋଧେ ଭୁଲ୍‌ରେ ଛପା ହୋଇଯାଇଥିବ ବୋଲି ଗଣେଶ କହିଛନ୍ତି । ଏହି ଘଟଣାକୁ ନେଇ ମୁନିଗୁଡ଼ା ବିଡିଓ ପ୍ରୀତମ କୁମାର ତନ୍ତୀଙ୍କୁ ଯୋଗାଯୋଗ କରିଥିଲେ ହେଁ ସମ୍ଭବପର ହୋଇପାରି ନ ଥିଲା । ତେବେ ଯଦି ସହଦେବଙ୍କ କୌଣସି ଅସ୍ତ୍ରୋପଚାର ନ ହୋଇ ଅନ୍ୟ ବ୍ଲକର ଏଭଳି ଛପା ଦେଖି ବୁକ୍‌ଲେଟ୍ ଛପାଯାଉଛି ତେବେ ଅନ୍ୟ ସ୍ଥାନରେ ମଧ ଅନୁରୂପ ପରିସ୍ଥିତି ରହିଥାଇପାରେ । ତେଣୁ ରାଜ୍ୟ ସରକାର ଏ ନେଇ ଏକ ନିରପେକ୍ଷ ତଦନ୍ତ କଲେ ପ୍ରକୃତ ହିତାଧିକାରୀ ଲାଭବାନ୍ ହୋଇପାରିବେ ବୋଲି ସାଧାରଣରେ ଦାବି ହୋଇଛି ।

# ମୃତଦେହ ଅଧା ବାଟରେ ଛାଡ଼ିଦେଲା ମହାପ୍ରୟାଣ ଗାଡ଼ି

ରାୟଗଡ଼ା/ଟିକିରି,୮।୨
(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ ବେହେରା)

**ବାଇକ୍‌ରେ ବୁହାହେଲା ଶିଶୁଙ୍କ ମୃତଦେହ**

ପୁଣି ମୃତଦେହକୁ ମିଳିଲାନି ସମ୍ମାନ। ମୃତ ନବଜାତକ ଶିଶୁକୁ ଅଧା ରାସ୍ତାରେ ଛାଡ଼ିଦେଇ ଚାଲିଗଲା ମହାପ୍ରୟାଣ ଗାଡ଼ି । ଅନ୍ଧାର ରାତିରେ ବାଇକ୍‌ରେ ବୁହାହେଲା ମୃତଦେହ। ଏଭଳି ଅଭିଯୋଗ ଆସିଛି ରାୟଗଡ଼ା ଜିଲା କାଶୀପୁର ବ୍ଲକ ହାଡ଼ିଗୁଡ଼ା ପଞ୍ଚାୟତ ଲଚୁଗୁଡ଼ା ଗାଁରୁ।

ଲଚୁଗୁଡ଼ା ଗାଁର ଜ୍ୟୋତ୍ସ୍ନା ଗୌଡ଼ଙ୍କ ୩ ଦିନ ପୂର୍ବେ ଏକ ପୁତ୍ରସନ୍ତାନ ଜନ୍ମ ହୋଇଥିଲା। ଶିଶୁର ଅବସ୍ଥା ଗୁରୁତର ଥିବାରୁ ପରିବାର ଲୋକେ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ଶିଶୁର ମୃତ୍ୟୁ ଘଟିଥିଲା। ଗାଁକୁ ଶିଶୁର ମୃତଦେହକୁ ନେବାପାଇଁ ପରିବାର ଲୋକେ ମହାପ୍ରୟାଣ ଗାଡିକୁ ଯୋଗାଯୋଗ କରି ୨୫୦୦ ଟଙ୍କା ପୈଠ କରିଥିଲେ। ମହାପ୍ରୟାଣ ଗାଡି ଯିବା ବେଳେ ଅଧା ବାଟରେ ଟିକିରି ନିକଟ ତୋଟାଗୁଡା ଛକରେ ଡ୍ରାଇଭର ସମସ୍ତଙ୍କୁ ଓହ୍ଲାଇ ଚାଲିଯାଇଥିଲା। ଫଳରେ ପରିବାର ଲୋକେ ଅନ୍ୟ କୌଣସି ଉପାୟ ନ ପାଇ ଫୋନ୍ କରି ଜଣେ ସମ୍ପର୍କୀୟଙ୍କୁ ଡାକିଥିଲେ। ସେ ବାଇକ୍ ନେଇ ଆସିବା ପରେ ଅନ୍ଧାର ରାତିରେ ବାଇକ ଯୋଗେ ମୃତଦେହକୁ ପ୍ରାୟ ୧୫ କି.ମି. ଦୂର ଗାଁକୁ ଆଣିଥିଲେ। ଉକ୍ତ ମହାପ୍ରୟାଣ ଗାଡିର ଡ୍ରାଇଭରଙ୍କ ନାମ ଭି. ଶ୍ରୀନିବାସ ଏବଂ ସେ ନିଶାସକ୍ତ ଅବସ୍ଥାରେ ଏଭଳି କରିଥିବା ପରିବାର ଲୋକେ ଅଭିଯୋଗ କହିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲାଲମୋହନ ରାଉତରାୟ କହିଛନ୍ତି, ସେ ଏ ନେଇ କୌଣସି ଅଭିଯୋଗ ପାଇନାହାନ୍ତି। ତେବେ ଡ୍ରାଇଭର ଅଧା ବାଟରେ କାହିଁକି ଛାଡ଼ି ଚାଲିଗଲେ ସେ ନେଇ ତଦନ୍ତ କରାଯିବ।

# ପଦ୍ମପୁରରେ ସଶକ୍ତ ସାଥୀ ଶିବିର



ମଞ୍ଚରେ ପୁରସ୍କୃତ ହୋଇଥିବା କଳାକାରମାନେ।

ପଦ୍ମପୁର, ୮।୨(ପ୍ରଶାନ୍ତ କୁମାର କର)

ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶକ୍ରମେ ଏବଂ ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ପଦ୍ମପୁରସ୍ଥିତ ଆରଜି କଲେଜ ପାଖ ଖେଳ ପଡିଆରେ ସଶକ୍ତ ସାଥୀ ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନ, ମୁଖ୍ୟବକ୍ତା ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ପଞ୍ଚାୟତ ସମିତି ଅଧକ୍ଷା ମଣିମାଳା ଶବର, ଉପାଧକ୍ଷ ରମେଶ ସାହୁ, ଜିଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ହୁରୁତୁଲା ମାଝି, ସହଦେବ ମାଣ୍ଡାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ଜନଜାତିଙ୍କ ସଂସ୍କୃତି ଓ ପ୍ରଗତି ସହ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଉପରେ ମୁଖ୍ୟ ଅତିଥି ପ୍ରଧାନ ବିଭାଗର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏହି ଅବସରରେ ପଦ୍ମପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଜନଜାତି ସମ୍ପ୍ରଦାୟର ଦିଶାରୀ, ଔଷଧ, କଳା ସଂସ୍କୃତି, ଭାଷା ତଥା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଆଦିବାସୀ କଳା ସଂସ୍କୃତି ଉପରେ ପର୍ଯ୍ୟବସିତ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ପଦ୍ମପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ ଅଜିତ ଚୌଧୁରୀ, ନୀଳମାଧବ ପାଣିଗ୍ରାହୀ, ରାଜେଶ ବେହେରା,ବାଳକୃଷ୍ଣ ଶବର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ମିଶନ ଶକ୍ତି ସଂଯୋଜକ ସୁନୀଲ ମିଶ୍ର ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ବିଧାୟକ ମକରନ୍ଦ

**କାଶୀପୁରରେ ନାହିଁ ବିଜ୍ଞାନ କଲେଜ**

ଟିକିରି,୮।୨ (ପ୍ରଫୁଲ୍ଲ କୁମାର ବେହେରା)

ଶିକ୍ଷା କ୍ଷେତ୍ରରେ ଏବେ ବି ପଛୁଆ ଅବସ୍ଥାରେ ରହିଛି ରାୟଗଡା ଜିଲା କାଶୀପୁର ବ୍ଲକ୍। କାଶୀପୁର ବ୍ଲକ୍‌ରେ ଆଜି ପର୍ଯ୍ୟନ୍ତ ଗୋଟେ ବି ହେଲେ ବିଜ୍ଞାନ କଲେଜ ନ ଥିବାରୁ ପିଲାମାନେ ବହୁତ ହଇରାଣ ହେଉଛନ୍ତି। ତେଣୁ ଟିକିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଖୋଲିବା ନିମନ୍ତେ ଓ ୧୦୦୦ ସାମର୍ଥ୍ୟ ବିଶିଷ୍ଟ ଏକ ପ୍ରେକ୍ଷାଳୟ (ଅଡିଟୋରିୟମ) ନିର୍ମାଣ ଲାଗି ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସମାଜସେବୀ ତଥା ରାଜନୀତି ବିଜ୍ଞାନ ଅଧାପକ ଶଙ୍କର



ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି।

ପ୍ରସାଦ ଦୁରିଆ ଉପସ୍ଥିତ ଥିଲେ।

ସୂଚନାଥାଉକି, କାଶୀପୁର ବ୍ଲକର ଜନସଂଖ୍ୟା ୧ ଲକ୍ଷ ୪୦ ହଜାରରୁ ଉର୍ଦ୍ଧ୍ୱ ରହିଥିଲେ ମଧ କୌଣସି ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୁକ୍ତ ୨ ସାଇନ୍ସ ଷ୍ଟ୍ରିମ ନାହିଁ। କାଶୀପୁର ବ୍ଲକର ଛାତ୍ରୀଛାତ୍ର ଯୁକ୍ତ ୨ ବିଜ୍ଞାନ ପଢିବା ନିମନ୍ତେ ରାୟଗଡ଼ା ସହର ଓ ପଡୋଶୀ ଜିଲା କୋରାପୁଟ ଉପରେ ନିର୍ଭର କରିଥାନ୍ତି। ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ବିଧାନସଭାରେ ବାରମ୍ବାର ଯୁକ୍ତ ୩ ସରକାରୀ ମହାବିଦ୍ୟାଳୟ କରିବା ନିମନ୍ତେ ଦାବି ଉପସ୍ଥାପନ କରି ଆସିଛନ୍ତି। ଏହା ପୂର୍ବରୁ ସେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କାଶିପୁର ଗସ୍ତ ସମୟରେ +୩ ସରକାରୀ ମହାବିଦ୍ୟାଳୟ କରିବା ନିମନ୍ତେ ଅନୁରୋଧ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ବିୟୋଗ

ଗୁଣପୁର,୮।୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଟଲଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ଇନାନ ଶବର (୫୪)ଙ୍କ ଗୁରୁବାର ମୃତ୍ୟୁ ଘଟିଛି । ଗତ କିଛିଦିନ ହେବ ସେ ମଧୁମେହ, ଉଚ୍ଚ ରକ୍ତଚାପ ଆଦି ରୋଗରେ ପୀଡିତ ଥିବାବେଳେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ହଠାତ ତାଙ୍କ ଦେହ ପୁଣି ଅସୁସ୍ଥ ହେବା ସହ ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିବା



ପରିବାର ପକ୍ଷରୁ କୁହାଯାଇଛି । ସେ ୨ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେ ପୁଟାସିଂ ଉନ୍ନୟନ ପରିଷଦର ସମ୍ପାଦକ, ରାୟଗଡା - ଗଜପତି ଜିଲା ସୌରା ଭାଷାର ଉପସଭାପତି ଆଦି ଦାୟିତ୍ୱରେ ରହିଥିଲେ। ତାଙ୍କର ମୃତ୍ୟୁରେ ବହୁ ଲୋକ ପ୍ରତିନିଧି ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି।

# ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବୈଠକ

ରାୟଗଡ଼ା,୮।୨(ଆଶିଷ ରଞ୍ଜନ ପଣ୍ଡା)

ଓଡ଼ିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘର ୬୧ତମ ନିର୍ବାଚନୀ ସଭା ସ୍ଥାନୀୟ ଲାୟନ୍ସ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସର୍କଲ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦିନବନ୍ଧୁ ମହାନ୍ତି, ଉପସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, ମୁଖ୍ୟ ସାଂଗଠନିକ ସମ୍ପାଦକ ବିପିନ ବିହାରୀ ସେଠୀ ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଟେକ୍ନିକାଲ କର୍ମଚାରୀଙ୍କ ଦୀର୍ଘ ୨୫ ବର୍ଷର ଦରମାରେ ରହିଥିବା ତାରତମ୍ୟ ସମାଧାନ ହେବା, ଏପ୍ରିଲ ୨୦୨୦ଠାରୁ ନୂତନ ମଜୁରୀ ଚୁକ୍ତିରେ ଦରମା ବଢ଼ିବା,




ଯାତାୟାତ ଖର୍ଚ୍ଚ ବଢ଼ିବା, ୨ ସନ୍ତାନଙ୍କ ପଢ଼ିବା ଖର୍ଚ୍ଚ ବହନ ଓ ଅନ୍ୟ ସୁବିଧା ଆଦି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ସଭାପତି ମହାପାତ୍ର ଓ ସାଧାରଣ ସମ୍ପାଦକ ତ୍ରିପାଠୀ ସୂଚନା ଦେଇଥିଲେ । ବୈଠକରେ ନୂତନ ଡିଭିଜନ ସମ୍ପାଦକ ଭାବେ ସାରଥୀ ମନୋଜ କୁମାର, ସହସମ୍ପାଦକ ଭାବେ ଡି.ଭି.ସେ. ପ୍ରସାଦ, କୋଷାଧକ୍ଷ ଭାବେ ଭି.ମନୋଜ କୁମାର ରାଓଙ୍କ ସମେତ ୪ଜଣ ସବ୍‌ଡିଭିଜନ ସମ୍ପାଦକ, ୨ଜଣ ସାଂଗଠନିକ ସମ୍ପାଦକ, ୩ଜଣ କେନ୍ଦ୍ରକାରୀ ସଭ୍ୟ ଓ ୧୧ଜଣ ସେକ୍ସନ ଅର୍ଗାନାଇଜର ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଥିଲେ । ବୈଠକରେ ରାୟଗଡ଼ା ଡିଭିଜନର ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକ ଯୋଗଦେଇ ସଂଘର କାର୍ଯ୍ୟକାରିତା ଓ ଏକତାକୁ ପ୍ରଶଂସା କରିଥିଲେ । ବୈଠକରେ ୬ଜଣ ଶ୍ରମିକଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା । ବିଜୟ କୁମାର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ ଓଡ଼ିଶା, ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ

ଚନ୍ଦ୍ରପୁର, ୮।୨ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଟୁରୀଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଆମ ଓଡିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ଏକ ପୁସ୍ତକକୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ପଞ୍ଚାୟତସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାମର ରୂପାନ୍ତରିକରଣ ତଥା ଜଳସେଚନ, କୃଷି, ଶିକ୍ଷା, ମହିଳା ସଶକ୍ତି କରଣ ଓ ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରିକରଣ, ଉଦ୍ୟାନ, କୃଷି, ସ୍ୱାସ୍ଥ୍ୟ, ଉନ୍ନୟନ ସମ୍ପର୍କରେ ସମ୍ପୃକ୍ତ ବିଭାଗର



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

କର୍ମଚାରୀମାନେ ସୂଚନା ଦେଇଥିଲେ। ଏଥିରେ ବିଭିନ୍ନ, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ କୈନ କିମାକା, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରପୁର ବିଡ଼ିଓ ଅକ୍ଷୟ କୁମାର ମଲିକ, ଟୁରୀଗୁଡା ସରପଞ୍ଚ ସୁନୀତା ମୁଣ୍ଡିକା, ପିଇଓ ରାଜେନ୍ଦ୍ର କୁମାର ପାଳ, ଜିଲା ପରିଷଦ ସଭ୍ୟ ସୁଜିତ କୁମାର ବ୍ରେଡ଼େକା, ନାଏବ ସରପଞ୍ଚ ରଶ୍ମିତା ପ୍ରସ୍କା, ସମିତି ସଭ୍ୟ ମନୋଜ ପ୍ରସ୍କା, ଭୀମ ଗୋଗେରେଙ୍ଗା, ଦ୍ରୌପଦୀ ହିକକା, ପ୍ରତିକ ସେନାପତି ଓ ଶତାଧିକ ଅଞ୍ଚଳବାସୀଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

# ଦେଶୀ ବିହନ ବ୍ୟବହାର ଉପରେ ଗୁରୁତ୍ୱ

ଟିକିରି, ୮।୨ (ପ୍ରଫୁଲ କୁମାର ବେହେରା)

କାଶୀପୁର ବ୍ଲକ ସିରିପାଇ ପଞ୍ଚାୟତ ଓଟଘାଟି ଗ୍ରାମରେ ଗୁରୁବାର ସ୍ୱେଚ୍ଛାସେବୀ ସଂଗଠନ ନିର୍ମାଣ ତରଫରୁ ବ୍ଲକସ୍ତରୀୟ ଜୈବ ବିବିଧତା ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ୮ଟି ପଞ୍ଚାୟତରୁ ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ କାଶୀପୁର କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସୁନୀଲ କୁମାର ପ୍ରଧାନ, କାଶୀପୁର ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁ, ରାୟଗଡା ନାବାର୍ଡ ଡ଼ି.ଡ଼ି.ଏମ. ଉପସ୍ଥିତ ରହି ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଲୋକଙ୍କ ଭୂମିକା ତଥା ସ୍ଥାନୀୟ କୃଷି ଓ କୃଷକର କଲ୍ୟାଣ କ୍ଷେତ୍ରରେ ଗୋଷ୍ଠୀ ତଥା ସରକାରୀ କଳର ସମ୍ମନ୍ୱୟ ବିଷୟରେ ଆଲୋଚନା କରିଥିଲେ। ଚାଷୀ ଭଉଣୀ ଭାଇମାନେ ପାରମ୍ପରିକ ବାଦ୍ୟରେ ସିରିପାଇ ଛକରୁ କାର୍ଯ୍ୟକ୍ରମ ପଡିଆ ପର୍ଯ୍ୟନ୍ତ ଅତିଥିଙ୍କୁ ପାଛୋଟି ନେଇଥିଲେ। ନିର୍ମାଣ ଅନୁଷ୍ଠାନର ଉପଦେଷ୍ଟା ଅରୁଣିମା ସ୍ୱାଇଁ ଦେଶୀ ବିହନର ସୁରକ୍ଷା ଉପଯୋଗ ଏବଂ ବ୍ୟବହାର ମାଧମରେ ଚାଷୀମାନେ କିପରି ଉପକୃତ ହେବା ସହ ପରିବେଶ ସୁରକ୍ଷା ହୋଇ ସେ ନେଇ ମତ ଦେଇଥିଲେ। ସ୍ଥାନୀୟ ବ୍ଲକର କାର୍ଯ୍ୟରତ କୃତୀ ସାମାଜିକ କର୍ମୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଜନହିତକର କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ଚାଷୀଙ୍କ ମଧରେ ବିହନ ଅଦଳ ବଦଳ କାର୍ଯ୍ୟକ୍ରମ ହୋଇଥିବାବେଳେ ଜୈବ ବିବିଧତା ଓ ଆମର ଦାୟିତ୍ୱ ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଜୈବ ବିବିଧତା ଉତ୍ସବରେ ଉପସ୍ଥିତ ଅତିଥି ଓ ଚାଷୀ।

# ମାତାରବନମ ପୀଠରୁ ଆସିଲା ଆଜ୍ଞାମାଳ

**ବଂଶଧାରା ବସନ୍ତ ମହୋତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ**

ଗୁଣପୁର,୮।୨(ପ୍ରଦୀପ କୁମାର ପାଢୀ)

ଗୁଣପୁରଠାରେ ଦ୍ୱାଦଶ ବଂଶଧାରା ବସନ୍ତ ମହୋତ୍ସବ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। ସକାଳେ ଗୁଣପୁର କଲେଜ ନିକଟ କାଶୀ ବିଶ୍ୱନାଥ ମନ୍ଦିରଠାରୁ ମହୋତ୍ସବ ପଡିଆ ପର୍ଯ୍ୟନ୍ତ ଏକ ମିନି ମାରାଥାନ ଦୌଡ ହୋଇଥିଲା। ସେହିପରି ମିନି ଷ୍ଟାଡିୟମଠାରେ ବଳରାମ ପଣ୍ଡା ସ୍ମାରକି ଆନ୍ତଃରାଜ୍ୟ ଲେଦରବଲ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଥିଲା। ଭାରତୀୟ କ୍ରିକେଟ ଟିମର (ସାଉଥ ଆଫ୍ରିକା ଟୁର) ମ୍ୟାନେଜର ସତବିର ସିଂ ରିହାର ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ନବରଙ୍ଗପୁର ଏବଂ ଗୁଣପୁର ମଧରେ ମ୍ୟାଚ ହୋଇଥିଲା । ପରେ ମହୋତ୍ସବ ପାଇଁ ମରିଚଗୁଡାସ୍ଥିତ ମାତାରବନମ ଅକ୍ଷର ବ୍ରହ୍ମପୀଠରୁ ଆଜ୍ଞାମାଳ ଅଣାଯାଇଥିଲା। ପିତାମଗୁଡା ପାହାଡରେ ମଧ ପୂଜାର୍ଚ୍ଚନା




ମହୋତ୍ସବ ପଡିଆରେ ଜନଜାତି ସମାଜ ପକ୍ଷରୁ ଶୋଭାଯାତ୍ରା।

କରାଯାଇଥିଲା। ସନ୍ଧ୍ୟାରେ ବଂଶଧାରା ନଦୀ କୂଳରେ ପୂଜାର୍ଚ୍ଚନା କରାଯାଇ ଗଙ୍ଗା ଆବାହାନ ଏବଂ କଳଶ ଶୋଭାଯାତ୍ରା କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ସରିବା ପରେ ମଞ୍ଚରେ ଜନଜାତି ଉତ୍ସବ ଉଦଘାଟନ ହୋଇଥିଲା । ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ରାମ ପ୍ରସାଦ ଗମାଙ୍ଗ, ଚକ୍ରପାଣି ଶବର, ଫାଲଗୁନି ଶବର, ଜୁଏଲ ଶବର, ମୋହନ ଶବର, ଲମ୍ବୋଧର ଶବର, ଡାଇଗିରି ଶବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପରିଚାଳନା କମିଟି ପକ୍ଷରୁ ଏସ.ବାବା ପ୍ରସାଦ, ଉମା ଶଙ୍କର ଦାସ, ରଞ୍ଜିତ ପାଢୀ, ଉମାଚରଣ ପଟ୍ଟନାୟକଙ୍କ ସମେତ ରାମଚନ୍ଦ୍ର ପଣ୍ଡା, ଗଜା ପାଳ, ଦେବ ପ୍ରସାଦ ପାଢୀ, ରମେଶ ଲିମା, ପ୍ରମୋଦ ଦାସ, ଶକ୍ତି ଦାସ, ହାଡିଆ ଶବରଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ୧୦ ତାରିଖରୁ ବସନ୍ତ ଉତ୍ସବର ମୁଖ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହେବ।

## ସଂକ୍ଷେପରେ

### ଗଞ୍ଜେଇ ଗଛ କାଟିବା ବେଳେ ଉତ୍ତେଜନା



ମାଲକାନଗିରି/ବାଲିମେଳା, ୮।୨ (ଦୁର୍ଯୋଧନ ପାତ୍ର/ଶିବଦତ୍ତ ସାହୁ)

ମାଲକାନଗିରି ଜିଲାରେ ଗଞ୍ଜେଇ ଗଛ କାଟିବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ସ୍ଥିତି ନିୟନ୍ତ୍ରଣ କରି ଗଞ୍ଜେଇ ଚାଷ ପୋଲିସ ନଷ୍ଟ କରିଛି। ଏପରି ଘଟଣା ଓର୍କେଲ ଥାନା ନାକାମାମୁଡ଼ି ପଞ୍ଚାୟତ ବାୟପଡ଼ା ଗ୍ରାମ ଜଙ୍ଗଲ ନିକଟରେ ଘଟିଛି। ଜିଲାରେ ବର୍ତ୍ତମାନ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଗଛ କଟା ଅଭିଯାନ ଆରମ୍ଭ ହୋଇଛି। ଯାହାକୁ ନେଇ ଗଞ୍ଜେଇ ଗଛ କାଟିବା ପାଇଁ ଅଭିଯାନରେ ବାହାରିଥିଲେ ଓର୍କେଲ ପୋଲିସ ଓ ଡିଭିଏଫ ଯବାନ। କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ବାୟାପଡା ଘାଟିରେ ଗଞ୍ଜେଇ ଗଛ କାଟିବା ପାଇଁ ଓର୍କେଲ ପୋଲିସ ସହ ଡିଭିଏଫ ଯବାନ ଯାଇଥିବା ସମୟରେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି କରିଥିଲେ। ବହୁ ଚେଷ୍ଟା ପରେ ପରିସ୍ଥିତି ଆୟତ୍ତ କରି ଲୋକଙ୍କୁ ବୁଝା ଶୁଝା କରିବା ସହ ଏହି ଚାଷ ଏକ ବେନିୟମ କହି ବୁଝାଇବା ସହ ପୋଲିସ ଗଞ୍ଜେଇ ଚାଷ ନଷ୍ଟ କରିଥିବା ସୂଚନା ମିଳିଛି ।

### ପ୍ରଶାସନିକ ଅଧିକାରୀଙ୍କ ଶିକ୍ଷଗତ ଯୋଗ୍ୟତାକୁ ନେଇ ପ୍ରଶ୍ନବାଚୀ

ସେମିଲିଗୁଡା/ସୁନାବେଡା, ୮।୨ (ବାସୁଦେବ ବରାଡ/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ଆରଏମ୍‌ସିରେ ଅରୁଣ କୁମାର ଜେନା ୧୯୯୫ରେ ମାର୍କେଟିଂ ଆକାଉଣ୍ଟାଣ୍ଟ ଭାବେ ଯୋଗ ଦେଇଥିଲେ। ଆର୍‌ଟିଆଇ ତଥ୍ୟ ଅନୁଯାୟୀ, ଅରୁଣଙ୍କ ଶିକ୍ଷାଗତ ଯୋଗ୍ୟତା ଦଶମ। ହେଲେ ସେ ଚାରୋଟି ପ୍ରମୁଖ ବିଭାଗ ଦାୟିତ୍ୱ ତୁଲାଉଛନ୍ତି। ଅରୁଣ ୧୯୮୩ ରେ ଦଶମ ଶ୍ରେଣୀ ପାସ୍ କରିଥିଲେ। ପରେ କୌଣସି ପ୍ରକାରେ ଏହି ବିଭାଗରେ ଯୋଗ ଦେଇଥିଲେ। ଆର୍‌ଏମ୍‌ସି କୋରାପୁଟର ବରିଷ୍ଠ ଅଧିକାରୀ ଅରୁଣଙ୍କ ହାତକୁ ବିଭାଗକୁ ଠେକି ଦେଇଥିବା ସୂଚନା ଅଧିକାର ତଥ୍ୟ କହୁଛି। ଏଠାରେ ପ୍ରଶ୍ନ ଉଠୁଛି ପ୍ରଶାସନିକସ୍ତରୀୟ ଦାୟିତ୍ୱ କିପରି ଜଣେ ସାଧାରଣ କର୍ମଚାରୀ ତୁଲାଉଛନ୍ତି। ତଥ୍ୟ ଅନୁସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଦରମାକୁ ମଧ ବିଭାଗୀୟ କର୍ତ୍ତୃପକ୍ଷ ୨୮ ହଜାରରୁ ୫୦୭୦୬ଟଙ୍କାକୁ ବୃଦ୍ଧି କରିଥିଲେ। ପରବର୍ତ୍ତୀ ସମୟରେ ଅରୁଣଙ୍କ ଚାରୋଟି ବିଭାଗ ଯଥା ମାର୍କେଟିଂ (ମୂଳ ପଦବୀ),ଆକାଉଣ୍ଟାଣ୍ଟ ଇନ୍‌ଚାର୍ଜ,ଇନାମ୍ ମାର୍କେଟ ଇନ୍‌ଚାର୍ଜ (କୁନ୍ଦୁଲି) ଓ ସେକ୍ରେଟାରୀ ଇନ୍‌ଚାର୍ଜ ଦାୟିତ୍ୱକୁ ନେଇ ଉଚ୍ଚ ନ୍ୟାୟାଳୟରେ ୨୦୨୩ ନଭେମ୍ବର ୧୭ରେ ଏକ ମାମଲା ରୁଜୁ ହୋଇଥିଲା। ଯାହାର ଶୁଣାଣି କରି ନ୍ୟାୟାଳୟଙ୍କ ଚିଠି ସଂଖ୍ୟା ୩୮/ଭିସି/୨୩ ରେ ବିଭାଗୀୟ ଅଧିକାରୀଙ୍କୁ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରୁ ମୂଳ ଦାୟିତ୍ୱ ବ୍ୟତିତ ଅତିରିକ୍ତ ଦାୟିତ୍ୱ କାଢିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶକୁ ଫୁ କରି ଦେଇଛନ୍ତି ବିଭାଗୀୟ ଅଧିକାରୀଙ୍କ ସହ ସଂପୃକ୍ତ କର୍ମଚାରୀ। ଅଭିଯୋଗ ସମ୍ପର୍କରେ ଅରୁଣ କୁମାର ଜେନାଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଥିଲେ । ଯାହା ଅଭିଯୋଗ ହୋଇଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଉଚ୍ଚ ନ୍ୟାୟାଳୟରୁ ସେପରି କୌଣସି ଚିଠି ତାଙ୍କର ହସ୍ତଗତ ହୋଇନାହିଁ। ପରେ ଉତ୍‌କ୍ଷିପ୍ତ କହିଛନ୍ତି, ଜଣେ ଦଶମ ଶ୍ରେଣୀ ପାଠ ପଢିଥିବା ବ୍ୟକ୍ତି ବିଡିଓ ମଧ ହୋଇପାରିବ ।

### ୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ରାୟଗଡା, ୮।୨ ( ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପୋଲିସ ଗୁରୁବାର ସକାଳେ ସ୍ଥାନୀୟ ରେଲୱେ କଲୋନୀ ପଛପଟ ଥିବା ଏକ ପରିତ୍ୟକ୍ତ ଘରେ ଚଢ଼ାଉ କରି ବ୍ୟାପକ ଗଞ୍ଜେଇ ଜବତ କରିଛି। ବାହାର ରାଜ୍ୟକୁ ଚାଲାଣ ହେବାକୁ ଥିବା ୪ଟି ବ୍ୟାଗରୁ ପୋଲିସ ୧୦୨କିଗ୍ରା ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରିଫ ଅଭିଯୁକ୍ତ ହେଲେ ଲିଙ୍ଗନ ତୁରୁକ (୨୫) ଓ ରହିମ କୁମାର ବେନିଆ (୨୭)। ଉଭୟ ଟିକିରି ଥାନାର ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଟିକିରି ପୋଲିସ ଅଧିକ ଅନୁସନ୍ଧାନ ଜାରି ରଖିଥିବା କହିଛି।

# ଦାବି ନ ଶୁଣିଲେ କାର୍ଯ୍ୟବନ୍ଦ କରିବେ କୃଷି କର୍ମଚାରୀ

ମାଲକାନଗିରି, ୮।୨ (ଦୁର୍ଯୋଧନ ପାତ୍ର)

ଦୀର୍ଘ ମାସ ଧରି କୃଷି କର୍ମଚାରୀଙ୍କ ସମସ୍ୟାର ସମାଧାନ କ୍ଷେତ୍ରରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଉଦାସୀନ ରହି ଆସୁଥିବା ସହ କ୍ୟାଡର୍ ପୁନର୍ଗଠନ ଭଳି ବହୁ ଦାବି ପ୍ରତି ଅଣଦେଖା ହେଉଥିବା ନେଇ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ଅଭିଯୋଗ କରିଛି। ରାଜ୍ୟ ସଂଘର ପକ୍ଷରୁ ବିଭାଗୀୟ ସେବାରୁ ନିବୃତ ରହିବା ପାଇଁ ଚେତାବନୀ ଦେଇଛନ୍ତି । ଏହି ନିଷ୍ପତ୍ତି ଅନୁଯାୟୀ ମାଲକାନଗିରି ଜିଲାର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ୮ ତାରିଖରୁ ୧୨ ପର୍ଯ୍ୟନ୍ତ ବିଭାଗୀୟ ସେବାରୁ ନିବୃତ ରହିବା ପାଇଁ ମୋବାଇଲ ଯୋଗେ ଚେତାବନୀ ଦେଇଛନ୍ତି। ତେବେ ଉପରୋକ୍ତ ସମୟ ସୀମା ମଧ୍ୟରେ ଉଚ୍ଚ କର୍ତ୍ତୃପକ୍ଷ ଯଦି ସଂଘ କରିଥିବା ଦାବିକୁ ଅଣଦେଖା କରନ୍ତି, ତେବେ ୧୩।୨।୨୪ ଠାରୁ ୧୯।୨।୨୪ ପର୍ଯ୍ୟନ୍ତ ମୋବାଇଲ ଯୋଗେ କରୁଥିବା ପ୍ରଦତ୍ତ ସେବା ବନ୍ଦ ସହ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ୨୦।୨।୨୪ଠାରୁ ରାଜ୍ୟ ମୁଖ୍ୟ ଦପ୍ତର କୃଷି ଭବନ ସମ୍ମୁଖରେ ସମୂହ ଗଣଧାରଣା ଦେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏନେଇ ଗୁରୁବାର ଜଲା ସଂଘର କର୍ମକର୍ତ୍ତା ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘର ଜିଲା ସଭାପତି ମନୋଜ ଢ଼ାଲି, ସମ୍ପାଦକ ଭୁପେଶ କୁମାର ଷଡ଼ଙ୍ଗୀ, ଦେବାଶିଷ ମିଶ୍ର, ସୁଦେବ ରାୟ, ମିନାକ୍ଷୀ ରାଓ, ବିଶ୍ୱନାଥ ମଣ୍ଡଳ, ଅମୂଲ୍ୟ ପାତ୍ର, ରବିନ୍ଦ୍ରନାଥ ପଟ୍ଟନାୟକ ଓ ଅବିନାଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି ଦାବିପତ୍ର ପ୍ରଦାନ କରିବା ସହ ଏଥିରେ ଯଦି କୃଷି ଓ କୃଷକମାନଙ୍କର କୌଣସି କ୍ଷତି ଘଟେ ତାହା ପାଇଁ ବିଭାଗ ଓ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ ରହିଛି।



କୃଷି କର୍ମଚାରୀମାନେ ଦାବିପତ୍ର ପ୍ରଦାନ କରୁଛକନ୍ତି ।

# ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପାଇବ ମୁଖ୍ୟମନ୍ତ୍ରୀ ପୁରସ୍କାର




ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ।

ଚିତ୍ରକୋଣ୍ଡା,୮।୨ (କ୍ଷୀରୋଦ କୁମାର ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ୧୮ ଦୁର୍ଗମ ପାହାଡି ଅଞ୍ଚଳକୁ ୧୯୬୨ରୁ ଉପଖଣ୍ଡ ଚିକିତ୍ସାଳୟ ସେବା ଯୋଗାଇ ଆସୁଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହି ଚିକିତ୍ସାଳୟକୁ ଉତ୍ତମ ସେବା ପାଇଁ ଆସନ୍ତା ୧୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ହେବା ପାଇଁ ଘୋଷଣା କରାଯାଇଛି। ଉକ୍ତ ଖବର ଜଣାପଡିବା ପରେ ଚିତ୍ରକୋଣ୍ଡା ସହର ତଥା କଲୋନିବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଚିକିତ୍ସାଳୟ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପୁରସ୍କାର ସମ୍ପର୍କରେ ମୁଖ୍ୟ ଚିକିତ୍ସା ଅଧିକାରୀ କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କୁ ପଚାରିବାରୁ ଏଥିପାଇଁ ସମସ୍ତ କର୍ମଚାରୀଙ୍କ ଶ୍ରେୟ ରହିଛି। ବିଶେଷକରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦ ମେଡିକାଲକୁ ସବୁ ସମୟରେ ସହଯୋଗର ହାତ ବଢାଇଛନ୍ତି । ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ, ସ୍ୱାଭିମାନ ତଥା ଉପାନ୍ତ ଅଞ୍ଚଳ ତରଫରୁ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି ।

# ଜମିରେ କୁଢ଼ାହୋଇଛି ଖାଲି କାଚ ବୋତଲ

ପଡ଼ିଆ, ୮।୨ (ଭାସ୍କର ରାଓ )

ଜମିରେ କୁଢ଼ାହୋଇଥିବା ଖାଲି କାଚ ବୋତଲ ଦେଖି ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ଏହିପରି ଦେଖିବାକୁ ମିଳିଛି କାଲିମେଳା ଠାରୁ ପଡିଆ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏମ୍‌ଭି ୫୮ ଏବଂ ବାପନପଲ୍ଲୀ ଗ୍ରାମର ରାସ୍ତାକଡ ଜମିରେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରୁ ୨ଶହ ମିଟର ଦୂର ମୁଖ୍ୟ ରାସ୍ତାକଡ଼ରେ ଢଳାଯାଇଛି। ବିଭିନ୍ନ ରଙ୍ଗବେରଙ୍ଗର କାଚ ବୋତଲ, ଏହି ରାସ୍ତା ଦେଇ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ରତିଦିନ ଯିବା ଆସିବା କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳର ବୁଦ୍ଧିଜୀବୀ ନିନ୍ଦା କରିବା ସହ ଜମି ମାଲିକ ଏବଂ ଅନ୍ୟ ଜମି ମାଲିକମାନେ ଚିନ୍ତାରେ ପଡିଛନ୍ତି। ତୁରନ୍ତ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଇ ଏପରି ଅମାନବିକତା କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଦଣ୍ଡ ଦେବା ସହ ଜମିରୁ କିପରି ସମସ୍ତ ବୋତଲଗୁଡ଼ିକୁ ଉଠାଯିବ ସେ ବ୍ୟବସ୍ଥା କରିବାକୁ ଏମ୍‌ଭି ୫୯, ଗଠନ ପାଲି ଓ ବାପନ ପଲ୍ଲୀ ଗ୍ରାମର ଚାଷୀମାନେ ଦାବି କରିଛନ୍ତି।



ଜମିରେ କୁଢ଼ା ହୋଇଥିବା କାଚ ବୋତଲ ।

### ମାଲବାହୀ ଟ୍ରେନ୍‌ର ୪ ବଗି ଲାଇନଚ୍ୟୁତ

ନନ୍ଦପୁର ୮ ।୨ (ଶଙ୍କର ପୂଜାରୀ)

ବିଶାଖାପାଟଣା-କିରାଣ୍ଡୁଳ କେ.କେ ରେଳ ଧାରଣାର ଟିମିଡିପାଲି ଓ ବରାଗୁହାଳ ଷ୍ଟେଶନ ମଝିରେ ଗୁରୁବାର ସକାଳ ୭ଟା ୫ ମିନିଟ ସମୟରେ ଏମ ମାଲବାହି ଟ୍ରେନ୍‌ର ୪ଟି ବଗି ଲାଇନଚ୍ୟୁତ ହୋଇଥିଲା। ଫଳରେ ଉକ୍ତ ରୁଟ୍‌ରେ ଚଳାଚଳ କରୁଥିବା ଟ୍ରେନ୍ ସକାଳ ୭ରୁ ବାଧାପ୍ରାପ୍ତ ହୋଇଥିଲା। ଏକାଧିକ ଟ୍ରେନକୁ ଘଟଣାସ୍ଥଳର ଦୁଇପାର୍ଶ୍ୱରେ ଥିବା ଷ୍ଟେଶନରେ ଅଟକ ରଖାଯାଇଥିଲା। ସୂଚନାପାଇ ବିଶାଖାପାଟଣା ଓ କୋରାପୁଟରୁ ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ମରାମତି କରିବା ପରେ ପୂର୍ବାହ୍ନ ୧ଟା ୪୦ମିନିଟ୍ ସମୟରେ ରେଳ ଚଳାଚଳ ସ୍ୱାଭାବିକ



ହୋଇଥିବା ରେଳ ବିଭାଗ ତରଫରୁ ସୂଚନା ଦିଆଯାଇଛି। ସୂଚନାଥାଉକି, ମାଲବାହି ଟ୍ରେନ୍ ନମ୍ବର (ଭିକେ ୩୭/୬୯+ଏନ/ବକ୍ସର) ଟିମିଡିପାଲି ଓ ବରାଗୁହାଳ ଷ୍ଟେଶନ ମଝିରେ ରେଳ ଧାରଣାରେ ଥିବା ଏକ ପୋଲ ପାର କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରେନ୍‌ର ସମସ୍ତ ବଗି ଖାଲି ଓ ଗତି ଧୀର ଥିବାରୁ ଚାଳକ ମାଲଗାଡ଼ିକୁ ସୁରକ୍ଷିତ ଅବସ୍ଥାରେ ଅଟକେଇ ପାରିଥିଲେ। ଫଳରେ ଏକ ବଡ ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ସୂଚନା ମିଳିଛି।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି ।

ବାଲିମେଳା,୮।୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଟାଉନହଲ୍ ଠାରେ ଆମ ଓଡ଼ିଶା ନବୀନ ଓଡ଼ିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ଦାସ, ସମ୍ମାନିତ ଅତିଥି କାଉନସିଲର ସୁନିତା ଗୁରୁ , ଦେବେନ୍ଦ୍ର ଦାସ ଓ ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ପ୍ରକଳ୍ପ ଉନ୍ନୟନ ଅଧିକାରୀ ବକ୍ତବ୍ୟରେ କହିଥିଲେ, କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ହେଉଛି ଆମ ସହରର ଉନ୍ନତୀକରଣ ତଥା ସହରରେ ଥିବା ଧର୍ମାନୁଷ୍ଠାନଗୁଡିକର ରୂପାନ୍ତରୀକରଣ କାର୍ଯ୍ୟଧାରାକୁ ଲୋକଲୋଚନକୁ ଆଣିବା ଓ ସରକାରଙ୍କର ଜନାଭିମୁଖୀ କାର୍ଯ୍ୟଗୁଡିକୁ ନେଇ ଲୋକଙ୍କ ନିକଟରେ ପହଞ୍ଚାଇବା। ଏହି ପରିପେକ୍ଷୀରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ସରକାରୀ ଯୋଜନା ସମ୍ପର୍କିତ ଏକ ପୁସ୍ତକ ଲୋକଙ୍କ ଉଦ୍ଦେଶ୍ୟରେ ଉନ୍ମୋଚନ କରାଯାଇଥିଲା। ଯେଉଁଥିରେ ସରକାର ସମସ୍ତ ଜନମଙ୍ଗଳ କାର୍ଯ୍ୟର ବିବରଣୀ ପ୍ରଦାନ କରାଯିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ସହରରେ ଥିବା ଏସ୍‌ଏଚ୍‌ଜିର ମହିଳାମାନେ ଉପସ୍ଥିତ ଥିଲେ। କୋରୁକୋଣ୍ଡା ବିଡିଓ ତଥା ବାଲିମେଳା ଏନ୍‌ଏସି ନିର୍ବାହୀ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମାଛକୁଣ୍ଡ ରୋଡ୍ ଷ୍ଟେଶନରେ ରେଳରୋକୋ

ନନ୍ଦପୁର, ୮।୨ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ମାଲିବେଲଗାଁ ପଞ୍ଚାୟତ ଦେଇ ଯାଇଥିବା କେ.କେ ରେଳପଥର ମାଛକୁଣ୍ଡ ରେଳ ଷ୍ଟେସନରେ ଗୁରୁବାର ସକାଳେ କୋରାପୁଟ ଜିଲା ରେଲୱେ ଜମିହରା ସଂଘ ପକ୍ଷରୁ ତିନିଦଫା ଦାବିରେ ରେଳରୋକୋ ଆନ୍ଦୋଳନ କରାଯାଇଛି। ସଂଘ ସଭାପତି ଜଳନ୍ଧର ଖିଲଙ୍କ ନେତୃତ୍ୱରେ ଶତାଧିକ ଜମିହରା ସାମିଲ ହୋଇ ରେଳଧାରଣା ଉପରେ ବିଭିନ୍ନ ନାରା ଦେଇ ଷ୍ଟେସନ ଆଡ଼କୁ ଆସୁଥିଲେ। ରେଳ ବିଭାଗ ପୋଲିସ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ, କୋରାପୁଟ ଜିଆରପି ଓଆଇସି ଦେବେନ୍ଦ୍ର ନାୟକ, ବିଜୟ ମଲ୍ଲିକ, କିରାଣ୍ଡୁଳ ଜିଆରପି ପୋଲିସ ଓଆଇସି ଏ.ଏଚ୍. ପି ରାଓ, ଜିଆରପି ଦଳ, ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ମହାପାତ୍ର ନନ୍ଦପୁର ଥାନାଧିକାରୀ ଆଶ୍ରିତା ଲାକ୍ରା ଓ ପୋଲିସ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ଅଟକାଇ ଆଲୋଚନା ନିମନ୍ତେ ଷ୍ଟେସନ ସମ୍ମୁଖକୁ ଆଣିଥିଲେ। ସେଠାରେ ଆନ୍ଦୋଳନକାରୀ ଓ ଅଧିକାରୀଙ୍କ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଜିଲା ପ୍ରଶାସନ, ରେଳ ବିଭାଗ କର୍ତ୍ତୃପକ୍ଷ ଓ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା କରାଯାଇ ଜମିହରାଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଆନ୍ଦୋଳନକାରୀ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଷ୍ଟେସନ ମାଷ୍ଟର ଉପେନ୍ଦ୍ର କୁମାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

କୋରାପୁଟ ଦେଇ ଯାଇଥିବା କେ.କେ କିରାଣ୍ଡୁଳ-କୋତାବାଲସା ରେଳପଥ ଓ କେ.ଆର୍ କୋରାପୁଟ-ରାୟଗଡ଼ା ରେଳପଥ ନିମନ୍ତେ ୪୯୦୫,୩୮ ଏକର ଜମି ଅଧିଗ୍ରହଣ କରାଯାଇଛି। କେକେ ଲାଇନର ଗୋରାପୁରରୁ କୋଟପାଡ଼ ରେଳପଥ ନିର୍ମାଣ ନିମନ୍ତେ ୨୨୪୭, ୭୬ ଏକର ଜମି ଦେଇ ୯୬ ଗ୍ରାମର ୧୫୦୦ ପରିବାର ବିସ୍ଥାପିତ ହୋଇଛନ୍ତି। ସେହିଭଳି କେ.ଆର୍ ଲାଇନ କୋରାପୁଟରୁ ରାୟଗଡ଼ା ରେଳପଥ ପାଇଁ ୨୬୫୭,୬୨ ଏକର ଜମି ଦେଇ ୧୦୯ଟି ଗ୍ରାମର ୧୩୮୦ ପରିବାର ବିସ୍ଥାପିତ ହୋଇଛନ୍ତି। ୨୮୮୦ ପରିବାର ବିସ୍ଥାପିତ ହୋଇଥିଲେ ମଧ ରେଳବିଭାଗ ପକ୍ଷରୁ ଏକର ପିଛା ମାତ୍ର ୮୦୦/ ୨୦୦୦/ ଓ ୪୬୩୫ ଟଙ୍କା ବିସ୍ଥାପିତଙ୍କୁ ଦିଆଯାଇ ଥିଲା। ହାତଗଣତି ଅଳ୍ପ କିଛି ପରିବାରର ସଦସ୍ୟଙ୍କୁ ରେଳ ବିଭାଗ ନିଯୁକ୍ତି ଦେଇଛି। ତେଣୁ ସମସ୍ତ ପରିବାରର ଜଣକୁ ହେଲେ ରେଳ ବିଭାଗରେ ନିଯୁକ୍ତି ପ୍ରଦାନ, ଅଧିଗ୍ରହଣ ହୋଇଥିବା ଜମି ଚିହ୍ନଟ କରାଯାଉ ଓ ବଜାର ଦରରେ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି। ପୂର୍ବରୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ ଏହାର ସମାଧାନ କରା ନ ଯାଇ ବର୍ତ୍ତମାନ ରେଳଧାରଣାର ଦୋହରିକରଣ କାର୍ଯ୍ୟ କରାଯାଉଥିବା ଜମିହରା ସଙ୍ଘ ସଭାପତି ଜଳନ୍ଧର ଖିଲ କହିଛନ୍ତି। ସମାଧାନ ନ ହେଲେ ଆଗାମୀ ଦିନରେ କେକେ ଓ କେଆର ରେଳପଥରେ ଥିବା ପ୍ରତ୍ୟେକ ଷ୍ଟେସନରେ ରେଳରୋକ, ଆନ୍ଦୋଳନ ଓ ପ୍ରତିବାଦ କରାଯିବ ବୋଲି କହିଛନ୍ତି। ବିଚାର ନିମନ୍ତେ ଦାବିପତ୍ରକୁ ରେଳ ବିଭାଗ ଉପରିସ୍ଥ ଅଧିକାରୀ ଓ କୋରାପୁଟ ଜିଲାପାଳଙ୍କ ନିକଟକୁ ପ୍ରେରଣ କରାଯାଇଥିବା ଷ୍ଟେସନ ମାଷ୍ଟର ଉପେନ୍ଦ୍ର କୁମାର କହିଛନ୍ତି। ଏହି ସମୟରେ ଆରପିଏଫ୍ ଗୁଇନ୍ଦା ବିଭାଗ ଅଧିକାରୀ ଡି.ବାଗ, ଜମିହରାଙ୍କ ଉତ୍ତରାଧିକାରୀ ରଘୁ ସୀସା, ଦାମୋଦର ଖିଲ, ରାମଚନ୍ଦ୍ର ପାଙ୍ଗି, ଦଇତାରୀ ମୁଦୁଲି, ଗୋବିନ୍ଦ ସୀସା, ଲକ୍ଷ୍ମଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି ।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ପୁରୀ ଗଲେ ୪୪୫ ଯାତ୍ରୀ

ନନ୍ଦପୁର,୮।୨ (ଶଙ୍କର ପୂଜାରୀ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିଦର୍ଶନ ଲାଗି ରାଜ୍ୟ ସରକାର ପଞ୍ଚାୟତସ୍ତରରୁ ଲୋକଙ୍କୁ ସୁଯୋଗ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ନନ୍ଦପୁର ବ୍ଲକ ଅଧୀନ ୨୩ ପଞ୍ଚାୟତର ୪୪୫ ଯାତ୍ରୀଙ୍କୁ ନେଇ ୧୨ବସ୍ ଗୁରୁବାର ସକାଳୁ ପୁରୀ ଅଭିମୁଖେ ଯାତ୍ରା କରିଛି। ବିଡିଓ ଦୁର୍ଗା ପ୍ରସାଦ ଦୋରା, ବ୍ଲକ ଅଧକ୍ଷା ସାବିତ୍ରୀ କାର୍ଟୁଲ, ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ବେବର୍ତ୍ତା, ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରା ଓ ଜିପିଇଓ ବେଦାନ୍ତ ମାଝି ପ୍ରମୁଖ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରୁ ୧୮ଯାତ୍ରୀ, ବସ୍ ପିଛା ୨ ଜଣ ସେକ୍ଟର ଅଫିସର ଓ ଜଣେ ନୋଡାଲ ଅଫିସରଙ୍କୁ ନେଇ ପୁରୀ ଅଭିମୁଖେ ୧୨ ବସ୍ ବାହାରିଥିଲା।

# ନୂତନ କାଳୀ ମନ୍ଦିରର ନିର୍ମାଣ କାର୍ଯ୍ୟ ତଦାରଖ



ଗର୍ଭ ଗୃହ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଉଛି ।

ମାଲକାନଗିରି, ୮।୨ (ଦୁର୍ଯୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି ୭୪ ଗ୍ରାମରେ ବଙ୍ଗୀୟ ସମ୍ପ୍ରଦାୟ ପକ୍ଷରୁ ନିର୍ମାଣାଧିନ ନୂତନ କାଳୀ ମନ୍ଦିରର ନିର୍ମାଣ କାର୍ଯ୍ୟ ତଦାରଖ ସହ ପୂଜା ଅର୍ଚ୍ଚନାରେ କଲେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା। ଏହି ଅବସରରେ ମନ୍ଦିରର ନୂତନ ଗର୍ଭ ଗୃହ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ସହ ଅନ୍ୟ କାର୍ଯ୍ୟର ତଦାରଖ କରିଥିଲେ। ପୂଜାର୍ଚ୍ଚନାରେ ସମ୍ମାନିତ ଅତିଥି ଭାବେ କାଲିମେଳା ଅଞ୍ଚଳର ଜିଲା ବିଜେଡି ସମ୍ପାଦକ ଅନୁପ ମିସ୍ତ୍ରୀ, ବ୍ଲକ ଯୁବ ଜନତା ଦଳ ସଭାପତି ମିରିକାଙ୍କ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ଭି ୭୪ କମିଟି ସଭାପତି, ଉପ ସଭାପତି, କୋଷାଧକ୍ଷ ସାଧାରଣ ସମ୍ପାଦକ ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳମନ୍ତ୍ରୀଙ୍କ ସହ ପୂର୍ବତନ ଏମ୍‌ପିଙ୍କ ଆଲୋଚନା

**ଜୟପୁର-ମାଲକାନଗିରି ରେଳ ଲାଇନ୍ ପ୍ରସଙ୍ଗ**

ମାଲକାନଗିର,୮।୨ (ଦୁର୍ଯୋଧନ ପାତ୍ର)

ନବରଙ୍ଗପୁରର ପୂର୍ବତନ ଏମ୍‌ପି ତଥା ଭାଜପା ଉପ ସଭାପତି ବଳଭଦ୍ର ମାଝି ଗୁରୁବାର ନୂଆଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ୍ କରି ଜୟପୁର-ମାଲକାନଗିରିଓ ଜୟପୁରଠାରୁ ନବରଙ୍ଗପୁର ରେଳ ଲାଇନର ଜମି ଅଧିଗ୍ରହଣ କାମ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କୁ ତାଗିଦା ପାଇଁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଏହି ୨ ରେଳ ଲାଇନ୍ ୨୦୧୬ରୁ ସ୍ୱୀକୃତି ପାଇଥିବା ବେଳେ ୨୦୧୮ରୁ ଜମି ଅଧିଗ୍ରହଣ ପାଇଁ କାଗଜପତ୍ର ରାଜ୍ୟ ସରକାରଙ୍କୁ ଦିଆଯାଇଛି। ଜୟପୁର-ନବରଙ୍ଗପୁର ରେଳ ଲାଇନ୍ ପାଇଁ ରାଜ୍ୟ ସରକାର ମାଗଣା ଜମି ଓ ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ ଓ ଜୟପୁର-ମାଲକାନଗିରି ରେଳ ଲାଇନ ପାଇଁ ପୂରା ଖର୍ଚ୍ଚର ୨୫ ପ୍ରତିଶତ ବହନ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ ମଧ ତାହା ପାଳନ କରିବାରେ ବିଫଳ ହୋଇଛନ୍ତି। ଫଳରେ ଦୀର୍ଘ ଦିନ ଧରି ରେଳ ଲାଇନ କାମ ଆରମ୍ଭ ହୋଇ ପାରୁନାହିଁ ବୋଲି ମାଝି ସୂଚନା ଦେଇଛନ୍ତି ।



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ବଳଭଦ୍ର ମାଝି ।

# ଯବାନଙ୍କ ଗୁଳିରେ ମାଓବାଦୀ ନିହତ

ମାଲକାନଗିରି, ୮।୨ (ଦୁର୍ଯୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ଦାନ୍ତେୱାଡା ଓ ସୁକମା ସୀମାନ୍ତ ଜଙ୍ଗଲରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି, ଯେଉଁଥିରେ ଜଣେ ୮ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ନିହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଦାନ୍ତେୱାଡା ଏବଂ ସୁକମା ସୀମାନ୍ତବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଜଣାପଡିବା ପରେ ଦାନ୍ତେୱାଡା ଜିଲାରୁ ଡିଆରଜି, ବସ୍ତର ଫାଇଟରସ୍ ଓ ସିଆରପିଏଫ ବାହିନୀର ଯଙ୍ଗ ପ୍ଲାଟୁନ ସର୍ଚ୍ଚ ଅପରେଶନରେ ବାହାରିଥିଲେ। ସୁରକ୍ଷାବାହିନୀ ଯବାନମାନେ ଦୁଇ ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳର ଗୋବିନ୍ଦପଲ୍ଲୀ, ପରଲାଗଟ୍ଟା ଏବଂ ପରେ ବଡେପାଲି ଜଙ୍ଗଲ ନିକଟରେ ପହଞ୍ଚିବା ମାତ୍ରେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିଚାଳନା କରିଥିଲେ। ସୁରକ୍ଷା କର୍ମୀମାନେ ମଧ ମାଓବାଦୀଙ୍କ ଉପରକୁ ପାଲଟା ଗୁଳି ଚଳାଇଥିଲେ। କିଛି ସମୟ ଉଭୟ ପକ୍ଷରୁ ଗୁଳି ବିନିମୟ ହେବା ପରେ ଘଟଣାସ୍ଥଳରୁ ମାଓବାଦୀମାନେ ଜଙ୍ଗଲକୁ ପଳାଇଥିଲେ। ପରେ ସୁରକ୍ଷା କର୍ମୀମାନେ ଘଟଣା ସ୍ଥଳରେ ସର୍ଚ୍ଚ ଅପରେଶନ କରିବା ସମୟରେ ଜଣେ ପୁରୁଷ ମାଓବାଦୀର ମୃତଦେହ ଦେଶୀ ବନ୍ଧୁକ, ଟିଫିନ ବୋମା, ବିସ୍ଫୋରକ ସାମଗ୍ରୀ, ବ୍ୟାଗ ଆଦି ଜବତ କରିଥିଲେ। ଗୁଳିବିନିମୟରେ ନିହତ ମାଓବାଦୀ ଜଣକ ଚନ୍ଦ୍ରନା ଓରଫ ସତ୍ୟମ୍ ବୋଲି ଜଣାପଡିଛି। ସେ ମାଓବାଦୀ ସଂଗଠନର ପୂର୍ବ ମାଡ଼ ଡିଭିଜନ ଡିବିସି ସଦସ୍ୟ ଥିବା ସହ ତାଙ୍କ ଉପରେ ୮ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ଦାନ୍ତେୱାଡା ଏସ୍‌ପି ଗୌରବ ରାୟ ସୂଚନା ଦେଇଛନ୍ତି।



ଜବତ ମାଓବାଦୀ ସାମଗ୍ରୀ ।

## ସଂକ୍ଷେପରେ

### ଆଦିବାସୀଙ୍କ ସଂସ୍କୃତି, ପରମ୍ପରା ସଂରକ୍ଷଣ ନେଇ ଆଲୋଚନା



ନନ୍ଦାହାଣ୍ଡି,୮।୨(ପ୍ରତୀପ କୁମାର ଦାଶ)

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ସଶକ୍ତ ଓଡ଼ିଶା ସାଥୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜନଜାତି ସଂସ୍କୃତିର ପ୍ରଗତି ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦିବାସୀଙ୍କ ବିକାଶ ଏବଂ ସେମାନଙ୍କ ସଂସ୍କୃତି, ପରମ୍ପରା ସଂରକ୍ଷଣ ସମ୍ପର୍କରେ ଆଲୋଚନା ହୋଇଛି। ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ଦ୍ୱାରା କିଭଳି ପ୍ରତ୍ୟେକ ଆଦିବାସୀ ସଶକ୍ତ ଓଡ଼ିଶା ନିର୍ମାଣ ଦିଗରେ ଏକ ସମ୍ମାନଜନକ ଭାଗୀଦାରି ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଜଗବନ୍ଧୁ ଜାନୀ, ମମତା ଭତରା, ପିଏ ଆଇଟିଡିଏ ରାଜୀବ ସାହୁ , ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ସାହୁ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ଆଦିବାସୀ ବୈଦ୍ୟ, ଦିଶାରୀ, ଆଦିବାସୀ ନୃତ୍ୟ କଳାକାର, ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ମୁଖିଆଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ୨ଟି ଆଦିବାସୀ ନୃତ୍ୟ ଗ୍ରୁପ୍‌କୁ ୧୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ମଙ୍ଗଳ ସମ୍ପ୍ରସାରଣ ବିଭାଗ କାର୍ଯ୍ୟାଳୟ ସହାୟକ ଦେବାଶିଷ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ଆଦିବାସୀ ବାଜା , ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

### ତାଲିମ, ସଚେତନତା କାର୍ଯ୍ୟକ୍ରମ

ଚନ୍ଦାହାଣ୍ଡି, ୮।୨(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜମାଦାରପଡ଼ା ହାଇସ୍କୁଲସ୍ଥିତ ସଭାଗୃହରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱ ଏବଂ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଜାତୀୟ କୃମି ଦିବସ ଉପଲକ୍ଷେ ତାଲିମ ଓ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସିଦ୍ଧାର୍ଥ ପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କୃମିନାଶକ ଔଷଧର ସେବନ ପ୍ରଣାଳୀ ଓ ଏହାର ଉପକାରିତା ସମ୍ପର୍କରେ ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥିଭାବେ ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ(ଆୟୁଷ)ଜାତୀୟ କୃମିନାସକ ଦିବସ ପାଳନର ଉଦେଶ୍ୟ ଏବଂ ଉପାଦେୟତା ବିଷୟରେ ମତ ରଖିଥିଲେ। ପୋଗ୍ରାମ ମ୍ୟାନେଜର ସୁଦୀପ୍ତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରଲେ। ଫର୍ମାସିଷ୍ଟ ସଞ୍ଜୀବ ପାତ୍ର, ଚନ୍ଦାହାଣ୍ଡି ବ୍ଲକର ସମସ୍ତ ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକ ଏହି ତାଲିମ କାର୍ଯ୍ୟକ୍ରମରେ ଭାଗନେଇଥିଲେ। ଶିକ୍ଷକ ପ୍ରଦୀପ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।

### ବିଜେଡି ନେତାଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା




ପାପଡ଼ାହାଣ୍ଡି,୮।୨(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲରେ ଗୁରୁବାର ସନ୍ଧ୍ୟାରେ ବ୍ଲକ ଯୁବ ବିଜେଡି ପୂର୍ବତନ ସଭାପତି ଶେଖ୍ ଇକ୍‌ବାଲଙ୍କ ବିୟୋଗରେ କ୍ୟାଣ୍ଡଲ ଶୋଭାଯାତ୍ରା କରାଯାଇଛି। ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଅଧ୍ୟକ୍ଷା ପ୍ରତିନିଧି ପରେଶ ଜେନାଙ୍କ ସହ ବ୍ଲକର ବହୁ ଯୁବକ ଏହି କ୍ୟାଣ୍ଡଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ଗ୍ରାମ ପରିକ୍ରମା କରି ବନ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସୂଚନାନୁଯାୟୀ, ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସା ଚାଲିଥିବାବେଳେ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେ ଜଣେ ପରପୋକାରୀ ଯୁବକ ଥିଲେ। ତାଙ୍କ ପରିବାରକୁ ସମସ୍ତେ ସମବେଦନା ଜଣାଇଛନ୍ତି।

# ଭିଭିପିଏଟି ଡେମୋ ଦେଖିବାକୁ ମନାକଲେ ଗ୍ରାମବାସୀ

■ ତାତିଲେ ଖୁଣ୍ଟିଆଗୁଡ଼ାବାସୀ
■ ରାସ୍ତା ନାହିଁ ତ ଭୋଟ ନାହିଁ ଚେତାବନୀ

ତେନ୍ତୁଳିଖୁଣ୍ଟି, ୮।୨(ଚିଦାନନ୍ଦ ସାହୁ)


ଖୁଣ୍ଟିଆଗୁଡ଼ା ଗ୍ରାମବାସୀ ଦାବି ସମ୍ପର୍କରେ ଆଲୋଚନା କରୁଛନ୍ତି।

ଗାଁକୁ ରାସ୍ତା ତିଆରି କରିବାକୁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ସୁଫଳ ମିଳିଲାନାହିଁ। ଏହାର ପ୍ରତିବାଦରେ ଗାଁ ବିଦ୍ୟାଳୟରେ ହେବାକୁ ଥିବା ଭିଭିପିଏଟି ଡେମୋ ଦେଖିବାକୁ ଗ୍ରାମବାସୀ ମନା କରିଦେଇଛନ୍ତି। ରାସ୍ତା ନାହିଁ ତ ଭୋଟ ନାହିଁ ବୋଲି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖୁଣ୍ଟିଆଗୁଡ଼ା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

୧୦ବର୍ଷ ହେବ ଗ୍ରାମବାସୀ ବିଭିନ୍ନ ଫୋରମ, ଅଧିକାରୀଙ୍କ ନିକଟରେ ଖାତିଗୁଡ଼ାରୁ ଫଟାଗୁଡ଼ା ଦେଇ ଖୁଣ୍ଟିଆଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ସବୁଦିନିଆ ରାସ୍ତା କରିବାକୁ ଗ୍ରାମବାସୀ ଦାବି କରି ଆସୁଛନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ କେତେଥର ଏହି ରାସ୍ତା ପାଇଁ ଦାବି କରାଯାଇଛି। ବର୍ଷା ଦିନରେ ରାସ୍ତାରେ କୃତ୍ରିମ ପୋଖରୀ ଭ୍ରମ ସୃଷ୍ଟି ହୁଏ। କାଦୁଆ ଜମିବାରୁ ଧାନରୁଆ ଦୃଶ୍ୟ ଦେଖିବାକୁ ମିଳେ। ଗ୍ରାମବାସୀ ଦୈନନ୍ଦିନ ଆବଶ୍ୟକ ସାମଗ୍ରୀ ପାଇଁ ଖାତିଗୁଡ଼ା ବଜାର ଉପରେ ନିର୍ଭରଶୀଳ। ଗର୍ଭବତୀ ଓ ରୋଗୀଙ୍କୁ ନେବାକୁ ଆମ୍ବୁଲାନ୍ସକୁ ୨ କିଲୋମିଟର ଅତିରିକ୍ତ ଦୂରତା ଯିବାକୁ ପଡୁଛି। ଆମ୍ବୁଲାନ୍ସ ଗଲେ ଫସିଯିବା ଆଶଙ୍କା ଯୋଗୁ ବର୍ଷାଦିନରେ ନାନା ଅସୁବିଧା ଭୋଗ କରନ୍ତି ରୋଗୀ ଓ ଗର୍ଭବତୀ। ସମସ୍ୟା ସମାଧାନ ହେଉ ନ ଥିବାରୁ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ବିଦ୍ୟାଳୟକୁ ଭିଭିପିଏଟି ଡେମୋ ଦେଖିବାକୁ ଗ୍ରାମବାସୀଙ୍କୁ ଡାକିବାରୁ ଦେଖିବାକୁ ଯିବେନି ବୋଲି ସେମାନେ ରୋକ୍‌ଠୋକ୍ ମନା କରିଦେଇଛନ୍ତି। ରାସ୍ତା ନ ହେବା ପର୍ଯ୍ୟନ୍ତ ଭୋଟ ନାହିଁ ବୋଲି ଗ୍ରାମର ଚୌଧୁରୀ ହରିଜନ, ଜଗନ୍ନାଥ ହରିଜନ, ରମେଶ ବିଷୋୟୀ, କୃଷ୍ଣ ଦିଶାରୀ, ବାବୁଲା ବିଷୋୟୀ ପ୍ରମୁଖ ମତ ଦେଇଛନ୍ତି। ଏ ନେଇ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଭୋଟ ବର୍ଜନ ବିଷୟରେ ଗ୍ରାମବାସୀ କ'ଣ ଦାବି ଦେଇଛନ୍ତି ଜାଣିନାହିଁ। କିନ୍ତୁ ସିସି ରାସ୍ତା ବା ପିଚୁ ରାସ୍ତା ତ ବ୍ଲକ ସ୍ତରରେ ହେବନାହିଁ। ଲିଖିତ ଆକାରରେ ଦାବି କଲେ ଜିଲାପାଳଙ୍କୁ ଜଣାଇ ସମାଧାନ କରାଯିବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଫାଇଲ ଖୋଲାଯାଇଛିପ। ଗ୍ରାମବାସୀ ରାଜି ହେଲେ ତତ୍କାଳ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଗୁରୁ ଶୁକ୍ରି ହତ୍ୟାକାଣ୍ଡର ପର୍ଦ୍ଦାଫାଶ, ୩ ଗିରଫ


ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।

ନନ୍ଦପୁର/ଲମତାପୁଟ ୮।୨
(ଶଙ୍କର ପୂଜାରୀ/ଭକ୍ତରାମ ବାଙ୍କିଆ)

ନନ୍ଦପୁର ଉପଖଣ୍ଡ ପୋଲିସ ବୈପାରୀଗୁଡ଼ା ଅଞ୍ଚଳର ଯୁବକ ଗୁରୁ ଶୁକ୍ରିଙ୍କ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି। ହତ୍ୟା ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଲମତାପୁଟ ଫାଣ୍ଡି ପରିସରରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ମଙ୍ଗରାଜ ଖିଲ, ଗୋପୀ ପାଙ୍ଗି ଓ ଜଗବନ୍ଧୁ ପାଙ୍ଗି । ୩ ଅଭିଯୁକ୍ତ ହତ୍ୟାରେ ସାମିଲ ଥିବା ସ୍ୱୀକାର କରିବା ପରେ ଘଟଣାସ୍ଥଳକୁ ପୋଲିସ ସହ ଯାଇ କିପରି ହତ୍ୟା କରିଥିଲେ ତାହାର ନାଟକୀୟ ଦୃଶ୍ୟପଟ ଦେଖାଇଛନ୍ତି। ପରେ ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ଲମତାପୁଟସ୍ଥିତ ଉଡାନ ବାରରେ ସୋମବାର ରାତ୍ରୀରେ ମଦ୍ୟପାନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ହୋଇଥିଲା। ଲୋକଙ୍କ ହସ୍ତକ୍ଷେପ ପରେ ଦୁଇ ଗୋଷ୍ଠୀ ଶାନ୍ତ ହୋଇଥିଲେ। ବୈପାରିଗୁଡ଼ାର ଗୁରୁ ଶୁକ୍ରୀ ବୁଲେଟ ଧରି ଅନ୍ୟ ୨ଜଣଙ୍କ ସହ ନିଜଘରକୁ ଫେରୁଥିବାବେଳେ କାଡାମ ଛକ ନିକଟରେ କିଛି ଲୋକେ ପ୍ରଥମେ ପଥରମାଡ କରିଥିଲେ। ଗୁରୁ ଶୁକ୍ରୀ ଗାଡିରୁ ପଡ଼ିଯିବା ମାତ୍ରେ ତାଙ୍କୁ ଠେଙ୍ଗା ଓ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଗୁରୁଙ୍କ ମୃତ୍ୟୁ ହୋଇଥିଲା। ଅଧରାତିରେ ପୋଲିସ ପାଟ୍ରୋଲିଂ ଦଳ ଅନ୍ୟ ୨ଜଣ ଗୁରୁତର ସନିଆ ଖରା ଓ ସନିଆ ହନ୍ତାଳଙ୍କୁ ରାସ୍ତା କଡ଼ରୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲା। ଗୁରୁତର ସନିଆଙ୍କ ଏତଲାକ୍ରମେ ମାଛକୁଣ୍ଡ ଥାନାଧିକାରୀ ଡି ବାତ୍ରିଆ ଓ ଏସଆଇ ଏସ ସେଠି, ଏସଡିପିଓ ସଞ୍ଜୟ କୁମାର ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମାଛକୁଣ୍ଡ ଥାନା କେସ ନ ୨୧/୨୦୨୪ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଗୁରୁତରଙ୍କ ଠାରୁ ସୂଚନା ଓ ଉଡାନ ବାରର ସିସି ଟିଭି ଆଧାରରେ ତଦନ୍ତ ଆରମ୍ଭ କରି ୩ଜଣ ହତ୍ୟାକାରୀଙ୍କୁ ଗିରଫ କରାଯାଇଛି। ଆଉ କିଛି ଲୋକ ମଧ୍ୟ ହତ୍ୟା ଘଟଣାରେ ସାମିଲ ଥିବା ସୂଚନା ମିଳିଛି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ମହାପାତ୍ର ସୂଚନା ଦେଇଛନ୍ତି।

# ସଶକ୍ତ ଓଡ଼ିଶା ସାଥୀ ଶିବିର କାର୍ଯ୍ୟକ୍ରମ

ଡାବୁଗାଁ, ୮।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)


ଆଦିବାସୀ ନୃତ୍ୟ ପରିବେଷଣ କରାଯାଉଛି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଜିଲା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ପକ୍ଷରୁ ଜନଜାତିଙ୍କ ପ୍ରଗତି ନିମନ୍ତେ ସଶକ୍ତ ଓଡ଼ିଶା ସାଥୀ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ସଂସ୍କୃତି, ନୃତ୍ୟ, ଦିଶାରି, ଆୟୁର୍ବେଦ ଔଷଧରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ଓ ଗ୍ରାମ ମୁଖ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ମୋଟ ୨୫ ଜଣଙ୍କୁ ଉପଢୌକନ, ମାନପତ୍ର ଓ ସିଲ୍ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜୀବ ସାହୁ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସତ୍ୟବ୍ରତ ବେହେରା, ବିଡିଓ ଶରତ ମାଝି, ଜିଲା ପରିଷଦ ସଭ୍ୟ ଧନସିଂ ଭତରା ଓ ଗୁପ୍ତ ବିଷୋୟୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ବୁଦୁରମ ଜାନୀ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି କାର୍ତ୍ତିକ ଭତରା ପ୍ରମୁଖ ଉପସ୍ଥିତ ଥିଲେ। କୁସୁମବନ୍ଧ ଗ୍ରାମର ଢେମ୍‌ସା ଓ ମାନିଆଗୁଡା ଗ୍ରାମର ଧୁଡୁରା ବାଜା ନୃତ୍ୟ ପରିବେଷଣ କରଯାଇଥିଲା। ଏହି ୨ ନୃତ୍ୟ ଦଳକୁ ୧୦ ହଜାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି.ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବେଧଡ଼କ କାଠ ଚାଲାଣ, ଜଙ୍ଗଲ ହେଉଛି ଖାଲି

ତେନ୍ତୁଳିଖୁଣ୍ଟି, ୮।୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ବେଧଡକ ଚାଲିଛି କାଠ ଚୋରା ଚାଲାଣ। ଏନେଇ ପୂର୍ବରୁ ଅନେକ ଥର ଖବର ପ୍ରସାରଣ ହୋଇଥିଲେ ମଧ୍ୟ ନୀରବ ଦ୍ରଷ୍ଟା ସାଜିଛି ତେନ୍ତୁଳିଖୁଣ୍ଟି ବନ ବିଭାଗ। ଅଞ୍ଚଳବାସୀ ବନ ବିଭାଗ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେନ୍ତୁଳିଖୁଣ୍ଟି ବ୍ଲକରେ ପୋଡ଼ାଗଡ଼ ଡ୍ୟାମ, ଘୁମର ସମେତ କିଛି ସ୍ଥାନରେ ବେଧଡ଼କ କାଠ ଚୋରା ଚାଲାଣ ହେଉଛି। ବନ ବିଭାଗ ସବୁ ଜାଣି ମଧ୍ୟ ଚୁପ୍ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସରକାର ଜଙ୍ଗଲ ସୁରକ୍ଷା ପାଇଁ ବିଭିନ୍ନ ଯୋଜନା କରି ଜଙ୍ଗଲ ହିଁ ଜୀବନ ନାରା ଦେଉଥିବାବେଳେ ବନବିଭାଗ କର୍ମଚାରୀଙ୍କ ଉଦାସୀନତା ଯୋଗୁ ଜଙ୍ଗଲ ନଷ୍ଟ ହେଉଛି। ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ପଡୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। କାଠ ଚୋରା ଚାଲାଣର ପ୍ରମୁଖ ସ୍ଥଳୀ ପାଲଟିଛି ତେନ୍ତୁଳିଖୁଣ୍ଟି ନିକଟସ୍ଥ ଘୁମରେଶ୍ୱର ଶୈବପୀଠ ଜଙ୍ଗଲ ପ୍ରତିଦିନ ବହୁ ସଂଖ୍ୟକ ମୂଲ୍ୟବାନ ବୃକ୍ଷକୁ କାଟି ମାଫିଆମାନେ ବ୍ୟବସାୟ ଚଳାଇଛନ୍ତି। ଏନେଇ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ ମଧ୍ୟ କରାଯାଇଛି। ପ୍ରତେକ ଦିନ ଘୁମରେଶ୍ୱର ଶୈବପୀଠର ମୁଖ୍ୟ ରାସ୍ତା ଦେଇ ବଳଦ ହଳ ମାଧ୍ୟମରେ କାଠ ଚାଲାଣ ହେଉଥିବାବେଳେ ବନବିଭାଗ ନିକଟରେ କିଭଳି ତାହାର ଖବର ପହଞ୍ଚୁ ନାହିଁ ସେ ନେଇ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ ବନବିଭାଗ ଅଧିକାରୀ ଏ ଦିଗରେ



ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବନ୍ୟ ଜନ୍ତୁଙ୍କ ସମେତ ଜଙ୍ଗଲ କ୍ଷୟ ହେବା ଏକ ପ୍ରକାର ସୁନିଶ୍ଚିତ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ନେଇ ତେନ୍ତୁଳିଖୁଣ୍ଟି ଫରେଷ୍ଟର ଅମିତ ଦାସଙ୍କୁ ପଚାରିବାରୁ ଷ୍ଟାଫ ଅଭାବରୁ ପାଟ୍ରୋଲିଂ ହୋଇ ପାରୁନି ବୋଲି ସେ କହିଛନ୍ତି।

# ଅପର କୋଲାବ ବିସ୍ଥାପିତଙ୍କ ବୈଠକ




କୋରାପୁଟ,୮।୨(ଅମିତାଭ ବେହେରା)

ଅପର କୋଲାବ ବିସ୍ଥାପିତ ସଂଘ ବୈଠକ ସଭାପତି ପ୍ରଭାକର ହନ୍ତାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ କୋଲାବ ବିସ୍ଥାପିତଙ୍କ ୪ ଦଫା ଦାବି ଉପରେ ଆଲୋଚନା କରାଯାଇଛି। କୋଲାବ ଜଳବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା ବେଳେ ୪ ହଜାର ପରିବାର ବିସ୍ଥାପିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କେବଳ ୪୨୪ ବିସ୍ତାପିତ ପରିବାରକୁ ଜିଲାର କୋଟପାଡ଼ ଅଞ୍ଚଳରେ ରଖାଯାଇଥିଲା। ଅନ୍ୟ ବିସ୍ଥାପିତ ପରିବାର କିଏ କେଉଁଠି ଅସୁବିଧାରେ ପଡି ରହିଛନ୍ତି ବୋଲ ବୈଠକରେ ଅଭିଯୋଗ ହୋଇଛି।

ସୁଦୂର ବାଂଲାଦେଶରୁ ଆସିଥିବା ଶରଣାର୍ଥୀଙ୍କୁ କୋରାପୁଟ ଓ ମାଲକାନଗିରି ଅଞ୍ଚଳରେ ରହିବାକୁ ୬ ଏକର ଲେଖାଏ ଜମି ସହ ଘର ପ୍ରଦାନ କରାଯାଇଛି। କୋଲାବ ବିସ୍ଥାପିତ ପରିବାର ପାଇଁ ଅନୁରୂପ ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ଏହା ବ୍ୟତିତ ଅନ୍ୟ ଦାବି ସମ୍ପର୍କରେ ଆଲୋଚନା ହୋଇଛି। ଏକ ଦାବିପତ୍ର ୫–ଟି, ଆମ ଓଡ଼ିଶା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। ସପ୍ତାହ ମଧ୍ୟରେ ଆଉଏକ ବଡ ଧରଣର ସଭା ଆୟୋଜନ କରିବାକୁ ସଭାରେ ନିଷ୍ପତ୍ତି ନିଆଯାଇଛି। ସଭାରେ ସଂଘ ପ୍ରତିଷ୍ଠାତା ସ୍ୱର୍ଗତ ପ୍ରତାପ ପଟ୍ଟନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଛି। ସଂଘ କୋଷାଧ୍ୟକ୍ଷ ସୁଦୟ ବାଘ ସଭା ପରିଚାଳନା କରିଥିଲେ। ସଭାରେ ସଂଘ ଉପସଭାପତି ଶ୍ୟାମ ସୁନ୍ଦର ନାୟକ, ସଦସ୍ୟ ନୀଳକଣ୍ଠ ଜାନି, ନରେନ୍ଦ୍ର ବଡ଼ନାୟକ, ଘାସି ଖରା, ଗୋବର୍ଦ୍ଧନ ହନ୍ତାଳ, ଘେନୁ ପାଙ୍ଗି, ପଦଲାମ ପୂଜାରୀ, ଲବ ଗଲୋରୀ, ଅର୍ଜୁନ ପୂଜାରୀ ଓ ରଘୁନାଥ ଖରା ପ୍ରମୁଖଙ୍କ ସମେତ ଶତାଧିକ ବିସ୍ଥାପିତ ଉପସ୍ଥିତ ଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଆଲୋଚନା, ମକ୍‌ଡ୍ରିଲ୍


ବୈଠକରେ ଆଲୋଚନା ଚାଲିଛି।

ନବରଙ୍ଗପୁର,୮।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସଦରମହକୁମାସ୍ଥିତ ମିଶନ ଶକ୍ତି ସଭାଗୃହରେ କଟକ ଜିଲା ମୁଣ୍ଡୁଳି ସ୍ଥିତ ଜାତୀୟ ବିପର୍ଯ୍ୟୟ ଉଦ୍ଧାର ସୁରକ୍ଷା ବାହିନୀ (ଏନ୍‌ଡିଆର୍‌ଏଫ୍) ଏବଂ ଜିଲା ପ୍ରଶାସନ ପକ୍ଷରୁ ଏକ ଆଲୋଚନା ଚକ୍ର ଜିଲାପାଳ ଡଃ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ କରାଯାଇଛି। ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ର, ବିକାଶ ଭଗତ, ସୁଶୀଲ କୁମାର, ଭି.ଏସ୍. ଚଣ୍ଡିଲ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏ ନେଇ କିଭଳି ପୂର୍ବରୁ ପ୍ରସ୍ତୁତି ରିହେବ, ବିପର୍ଯ୍ୟୟ ପ୍ରତିହତ, ପୂର୍ବରୁ ଏବଂ ପରବର୍ତ୍ତୀ ସମୟରେ ବିପର୍ଯ୍ୟୟକୁ ହ୍ରାସ କରିବା ପଦ୍ଧତି, ପ୍ରାକ୍ ସୂଚନା ଯଥା ପ୍ରସାରଣ, ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର, ଅଧିକାରୀଙ୍କ ଭୂମିକା, ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ଯନ୍ତ୍ର ଓ ଉପକରଣ ବ୍ୟବହାର, ରିଲିଫ ବଣ୍ଟନ ଏବଂ ସଫଳ ପ୍ରସ୍ତୁତି ଉପରେ ଆଲୋଚନା ହୋଇଛି।

ଏହାପରେ ସଦର ବ୍ଲକ ଅଗ୍ନିପୁର ପଞ୍ଚାୟତସ୍ଥିତ କୁସୁମଝରର ଜଳଭଣ୍ଡାରରେ ଏକ ମକ ଡ୍ରିଲ୍ କରାଯାଇଛି। ବନ୍ୟା ବେଳେ ନିଜକୁ ସୁରକ୍ଷିତ ରଖି ଅନ୍ୟମାନଙ୍କ ଧନ ଜୀବନ, ଗୃହପାଳିତ ପ୍ରାଣୀଙ୍କୁ କିଭଳି ସୁରକ୍ଷିତ ରଖିହେବ ସେ ନେଇ ମକ୍‌ଡ୍ରିଲ୍‌ରେ ପ୍ରଦର୍ଶିତ ହୋଇଛି। ଏହି ସମୟରେ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲା ଜରୁରୀକାଳୀନ ଅଧିକାରୀ ବିନାୟକ ଖାଡଙ୍ଗା, ନବରଙ୍ଗପୁର ଜିଲା ଜରୁରୀକାଳୀନ ବିଭାଗ ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଅଧିକ୍ଷକ ଯନ୍ତ୍ରୀ ଚିନ୍ମୟୀ ମଲ୍ଲିକ, ନବରଙ୍ଗପୁର ବିଡିଓ ସୁନୀଲ ଖୋରା, ଡିଏସ୍‌ପି ଡି.କେ. ଲାକ୍ରା, ନବରଙ୍ଗପୁର ତହସିଲଦାର କୈଳାଶ ତ୍ରିପାଠୀ, ଡିଇଓ ପ୍ରଦୀପ ନାଗ, ଟିପିଏସ୍‌ଓଡିଏଲ୍ ନିର୍ବାହୀ ଯନ୍ତ୍ରୀ ସିଭେସ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ ପଟ୍ଟନାୟକ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଓଡିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ବ୍ୟତିତ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମକର୍ତ୍ତା, ପ୍ରାଣୀଧନ ଚିକିତ୍ସାଧିକାରୀ, ଅଙ୍ଗନୱାଡି ଓ ମିଶନ ଶକ୍ତି ମହିଳା, ସରପଞ୍ଚ, ଅଗ୍ନିପୁର ମହିଳା ମହାବିଦ୍ୟାଳୟର ଛାତ୍ରୀ, ଅଧାପକ ଏନ୍.ଏମ୍‌ଖୋସ୍ଲା, ସ୍ଥାନୀୟ ସାମାଜିକ କର୍ମୀ, ଜନସାଧାରଣ ପ୍ରମୁଖ ଯୋଗ ଦେଇଥିଲେ।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଉମରକୋଟ, ୮।୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ଅଞ୍ଚଳା ପଞ୍ଚାୟତ ଅଧୀନରେ ଆସୁଥିବା ବାଲିପାଟା ଗ୍ରାମରେ ଭଲିବଲ ଟୁର୍ନାମେଣ୍ଟ ଗୁରୁବାରରୁ ଆରମ୍ଭ ହୋଇଛି। କୁଟ୍ରିଛାପର ପଞ୍ଚାୟତର ସମିତି ସଭ୍ୟ ପ୍ରସନ୍ନ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟ ପ୍ରାୟ ୨ ଦିନ ଧରି ଚାଲିବ। ଏଥିରେ ୧୬ ଟି ଦଳ ଭାଗ ନେଇଛନ୍ତି। ୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୮ ହଜାର ଟଙ୍କା ପୁରସ୍କାର ରାଶୀ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସମ୍ପାଦକ ଉଦୟନାଥ ନାୟକ, ଦେବଜ୍ୟୋତି ପଟ୍ଟନାୟକ, ସିମନ ନାଗ, ରାଜେନ୍ଦ୍ର କରକରା, ଘାସିରାମ ସାନ୍ତା, ପିତମ ଗରଡା ପ୍ରମୁଖ ଯୋଗ ଦେଇଥିଲେ। ଖେଳ ଦେଖିବାକୁ ଆଖପାଖ ଅଞ୍ଚଳରୁ ଶତାଧିକ ଖେଳ ପ୍ରେମୀ ଉପସ୍ଥିତ ଥିଲେ।


ଅତିଥି ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି ।

# ସିଡିଭିଓ କାର୍ଯ୍ୟାଳୟ ଘେରିଲେ ଚାଷୀ

**୨୨ ଦିନ ହେବ ଧାରଣାରେ ପ୍ରାଣୀ ଚିକିତ୍ସକ**

ନବରଙ୍ଗପୁର, ୮।୨(ସଦାଶିବ ପ୍ରହରାଜ)


ଧାରଣା ଦେଇଥିବା ଚାଷୀମାନେ।

୪ ଦଫା ଦାବି ନେଇ ଜାନୁଆରୀ ୧୮ରୁ ନବରଙ୍ଗପୁର ଜିଲାର ୩୫ ଜଣ ପ୍ରାଣୀ ଚିକିତ୍ସକ ସମୂହ ଛୁଟିରେ ଅଛନ୍ତି। ଏହି ଆନ୍ଦୋଳନ ୨୨ ଦିନରେ ପହଞ୍ଚିଛି। ଫଳରେ ପ୍ରାଣୀ ଚିକିତ୍ସା ଠପ୍ ହୋଇଯାଇଛି। ଏବେ ଜିଲାରେ କୁକୁଡା ଓ ଛେଳି ମଡ଼କ ଆରମ୍ଭ ହୋଇଛି। ବ୍ୟାଙ୍କ ଋଣ ନେଇ ଚାଷ କରିଥିବା ଚାଷୀ ଏବେ ଚିନ୍ତାରେ। ଗୁରୁବାର ଚାଷୀମାନେ ସେମାନଙ୍କ ଗୃହପାଳିତ ପ୍ରାଣଙ୍କୁ ନେଇ ନବରଙ୍ଗପୁର ସିଡିଭିଓ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଧୋଡ୍ରା ନିକଟସ୍ଥ ଚାଟିଗୁଡାର ଇସି କୁକୁଡା ଫାର୍ମର ମାଲିକ ମାନସ ରଞ୍ଜନ ପଟ୍ଟନାୟକ ଗତ ୨୮ରେ ୧୬ହଜାର କୁକୁଡା ଛୁଆ ପକାଇଛନ୍ତି। ୪୦ ଦିନ ମଧ୍ୟରେ ୨ ପ୍ରତିଶତ କୁକୁଡ଼ାଙ୍କ ମୃତ୍ୟୁ ହୁଏ। କିନ୍ତୁ ୧୦ ଦିନ ମଧ୍ୟରେ ୨ ପ୍ରତିଶତରୁ ଅଧିକ କୁକୁଡ଼ା ମରିଗଲେଣି। କେଉଁ ରୋଗରୁ କୁକୁଡ଼ା ମଡ଼କ ହେଉଛି ଜଣାପଡୁନି। ପ୍ରାଣୀ ଚିକିତ୍ସକମାନେ ଆସୁନଥିବାରୁ ଚିକିତ୍ସା ହୋଇପାରୁ ନାହିଁ ବୋଲି ଚାଷୀ ପଟ୍ଟନାୟକ କହିଛନ୍ତି। ୧୪ଟି ଛେଳି ଋଣ କରି ପାଳନ କରିବାବେଳେ ଏବେ ୧୧ ଜଣଙ୍କର ମୃତ୍ୟୁ ହୋଇଗଲାଣି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ବ୍ୟାଙ୍କରୁ ଆଣିଥିବା ଋଣ କିପରି ଶୁଝିବେ ବୋଲି ଉମରକୋଟର ଜଣେ ମହିଳା ଚାଷୀ କହିଛନ୍ତି। ତାଙ୍କ ଗ୍ରୁପ୍ ୩୨ଟି ଛେଳି ଚାଷ କରିଥିବା ବେଳେ ଏବେ ଗତ କିଛି ଦିନ ମଧ୍ୟରେ ୧୫ଟି ଛେଳି ମରିଛନ୍ତି। ଋଣ କିପରି ଶୁଝିବେ ବୋଲି ଚିନ୍ତା ଘାରିଛି ବୋଲି ଅନ୍ୟ ଜଣେ ମହିଳା ଚାଷୀ କହିଛନ୍ତି। ମୃତ ପ୍ରାଣୀମାନଙ୍କ ବ୍ୟବଚ୍ଛେଦ ହୋଇପାରୁ ନାହିଁ। ଫଳରେ ତାଙ୍କ କୁକୁଡ଼ା ଓ ଛେଳିଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ସେମାନେ ବୀମା ଅର୍ଥ ପାଇପାରୁ ନାହାନ୍ତି ବୋଲି ଚାଷୀମାନେ କହିଛନ୍ତି।

ପ୍ରକାଶ ଯେ, ଓଡ଼ିଶାର ପ୍ରାଣୀ ଚିକିତ୍ସକଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀଚିକିତ୍ସକ ସହ ସମାନ ପଦୋନ୍ନତି(ଡି.ଏ.ସି. ପି ) ସୁବିଧା, କେନ୍ଦ୍ରୀୟ ହାରରେ ଏନ.ପି.ଏ ଦେବାକୁ ପ୍ରାଣୀ ଚିକିତ୍ସକଙ୍କ ଦାବି ରହିଛି। ସେଭଳି ରାଜ୍ୟରେ ପ୍ରାଣୀଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି, ଓ ଡାକ୍ତର ନିଯୁକ୍ତି ଓ କ୍ୟାଡ଼ର ପୁନଗଠନ ଭଳି ବିଭିନ୍ନ ଦାବିରେ ପ୍ରାଣୀଚିକିତ୍ସକମାନେ ଧାରଣା ଦେଉଛନ୍ତି।

